## ସଂକ୍ଷେପରେ

### ପାରିବାରିକ କଳହରୁ ଆତ୍ମହତ୍ୟା

**ପାଣିକୋଇଲି,୨।୫(ବିକାଶ ମଲ୍ଲିକ):** ପାରିବାରିକ କଳହରୁ ଜଣେ ବ୍ୟକ୍ତି ଘରୁ ରାଗିକି ଯାଇ ନିକଟ ପୋଖରୀ ହୁଡାରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ରାଣୀଗୋଡ଼ା ଓଝାସିହିର ଶତ୍ରୁଘ୍ନ ଓଝା(୫୨)। ତାଙ୍କ ଝୁଲନ୍ତା ମୃତଦେହକୁ ଗୁରୁବାର ସକାଳେ ଲୋକେଦେଖି ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ପାଣିକୋଇଲି ଥାନାରେ ଲିଖିତ ଭାବେ ଜଣାଇଥିଲେ। ଶତ୍ରୁଘ୍ନ ନିଶାଗ୍ରସ୍ତ ହୋଇ ପରିବାରରେ ଅଶାନ୍ତି ସୃଷ୍ଟି କରୁଥିଲେ। ବୁଧବାର ରାତିରେ ନିଶାସକ୍ତ ଭାବେ ଆସି ଘରେ ପହଞ୍ଚି ପୁଅକୁ ଖୋଜିଥିଲେ। ପୁଅ ଘରେ ନ ଥିବାରୁ ଗାଁ ମଧ୍ୟକୁ ଯାଇ ତାକୁ ପାଇ ମାରଧର କରିଥିଲେ। ପରେ ଘରକୁ ଆସି ଗଣ୍ଡଗୋଳ କରିଥିଲେ। ଏହାପରେ ଘରୁ ରାଗି ପଳାଇଯାଇଥିଲେ। ପୂର୍ବରୁ ମଧ୍ୟ ଏଭଳି ବାରମ୍ବାର ଘଟୁଥିଲା। ସେ ଗଣ୍ଡଗୋଳ କରି ଘରୁ ପଳାଇ ପୁଣି ଘରକୁ ଫେରୁଥିବାବେଳେ ହେଲେ ବୁଧବାର ରାତିରେ ଆଉ ଫେରି ନ ଥିଲେ। ସକାଳୁ ଗ୍ରାମ ନିକଟ ତେଲିଆ ପୋଖରୀ କୂଳରେ ଥିବା ଏକ ରାଧାଚୁଡା ଗଛରେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଏମ ଅପମୃତ୍ୟୁ ମାମଲା ନଂ.୭/୨୪ ରୁଜୁ ହୋଇଛି।

### ସାଇ ଯଜ୍ଞ ଉତ୍ସବ ଉଦ୍‌ଯାପିତ

**ବରୀ,୨।୫(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ ଅଧୀନ ବାଲିବିଲଠାରେ ଥିବା ସାଇ ମନ୍ଦିରର ଷଷ୍ଠ ବାର୍ଷିକ ସାଇ ଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ମାସ ୨୯ ତାରିଖରେ ଅଂକୁରରୋପଣ, ୩୦ରେ କଳସ ଯାତ୍ରା ଓ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର ଯଜ୍ଞ ପୂର୍ଣ୍ଣାହୁତି ସହ ପ୍ରସାଦ ସେବନ ଓ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ହଜାରହଜାର ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ଫଳରେ ବରୀ-କଳାମାଟିଆ ରାସ୍ତାରେ ପ୍ରବଳ ଭିଡ଼ ହୋଇଥିଲା। ଲୋକେ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୌମ୍ୟରଞ୍ଜନ ସାମଲ, ଅର୍ଚ୍ଚନା ସାମଲ, ବୈକୁଣ୍ଠ ନାଥ ସାମଲ, ନବଘନ ପରିଡ଼ା, ଜ୍ଞାନରଞ୍ଜନ ସ୍ୱାଇଁ, ପ୍ରକାଶ ସାମଲ, ଗିରିଷ ଚନ୍ଦ୍ର ସାମଲ, ଅନୁରାଗ ସାମଲ ଓ ପପୁ ନାୟକଙ୍କ ସମେତ ବାଲିବିଲର ଗ୍ରାମବାସୀ ଏବଂ ବରୀ ଅଞ୍ଚଳର ବହୁ ଯୁବ ସାମାଜିକ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ସନ୍ଦେହ

**ଧର୍ମଶାଳା,୨।୫(ବଟକୃଷ୍ଣ ପରିଡ଼ାଂକ):** ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଭାଲୁଖାଇ ଛକ ନିକଟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ରାସ୍ତା କଡରେ ପଡି ଛଟପଟ ହେଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହକୁ ଧର୍ମଶାଳା ଶବଗାରାରେ ରଖାଯାଇଛି। ତାଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏନେଇ ପୋଲିସ ନଂ.୧୩/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବଡ଼ଚଣାର ସ୍ୱାଭିମାନ ବଜାୟ ରଖିବାକୁ ଅମରଙ୍କ ଆହ୍ୱାନ

## ଭାଜପାର କର୍ମୀ ସମାବେଶ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨।୫ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):** ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୯ନଂ. ଜୋନର ବାଲିଚନ୍ଦ୍ରପୁରଠାରେ ଭାଜପାର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁର ମଣ୍ଡଳ ସଭାପତି ସୀତାକାନ୍ତ ବଳ ସାମନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବଡ଼ଚଣା ବିଧାୟକ ପ୍ରାର୍ଥୀ ଅମର ନାୟକ ଯୋଗଦେଇ ବଡ଼ଚଣାର ସ୍ୱାଭିମାନ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହି ମାଟିରୁ ପ୍ରଥମ ବିଧାୟକ ନବକୃଷ୍ଣ ଚୌଧୁରୀ ନିର୍ବାଚିତ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେହିପରି ଏହି ମାଟିର ସନ୍ତାନ ଜଗନ୍ନାଥ ଦାସ, ଧନଞ୍ଜୟ ଲେଙ୍କା, ମାନଗୋବିନ୍ଦ ସାମଲ, ସୀତାକାନ୍ତ ମହାପାତ୍ର ଓ ଅମର ପ୍ରସାଦ ଶତପଥୀଙ୍କ ଭଳି ବ୍ୟକ୍ତି ନିର୍ବାଚିତ ହୋଇ ବିଧାନସଭାକୁ ଯାଇଛନ୍ତି। ଏହି ମାଟିର ସ୍ୱାଭିମାନ ରଖିଛନ୍ତି ବଡ଼ଚଣାବାସୀ। ଏବେ ବିଜେଡି ବଡ଼ଚଣାର ୨ ଲକ୍ଷ ଭୋଟରଙ୍କ ମଧ୍ୟରୁ ଜଣକୁ ପ୍ରାର୍ଥୀ ପାଇଲାନାହିଁ ଯେ ବାହାରୁ ଆଣି ଏଠାରେ ପ୍ରାର୍ଥୀ ଠିଆ କରାଇଛି। ବଡ଼ଚଣାରେ କ'ଣ ସବୁ ଅଯୋଗ୍ୟ ବୋଲି ସେ ପ୍ରଶ୍ନ କରିବା ସହିତ ବିଜେଡିକୁ ସବକ ଶିଖାଇ ଭାଜପାକୁ ବିଜୟୀ କରିବାକୁ ଆହ୍ୱାନ ଦେଇଛନ୍ତି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଦେବଯାନୀ ପ୍ରଧାନ, ବ୍ଲକ ପର୍ଯ୍ୟବେକ୍ଷକ ନିରଞ୍ଜନ ଘଡ଼େଇ, ଜିଲା ସମ୍ପାଦକ ପ୍ରମୋଦ କୁମାର ଜେନା, ଯୁବମୋର୍ଚ୍ଚା ସମ୍ପାଦକ ପ୍ରୀତମ କୁମାର ନାୟକ, ଲଲାଟେନ୍ଦୁ ମହାପାତ୍ର, ପ୍ରଦୀପ କୁମାର ସାମଲ, ନିରଞ୍ଜନ ମହାନ୍ତି ଓ ରାଇ ଚରଣ ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ ସ୍ୱାଗତ ଭାଷଣ ଦେଇଥିଲେ। ଅମୀୟ କୁମାର ସାହାଣୀ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ପ୍ରାର୍ଥୀଙ୍କୁ କର୍ମୀମାନେ ଏକ ଶୋଭାଯାତ୍ରାରେ ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକଠାରୁ ସଭା ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ।


ବାଲିଚନ୍ଦ୍ରପୁରଠାରେ ଅନୁଷ୍ଠିତ ଭାଜପାର କର୍ମୀ ସମାବେଶରେ ଯୋଗଦେଇଥିବା ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ।

# ସିଆଇଟିୟୁ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ



ବିଶ୍ୱ ଶ୍ରମିକ ଦିବସ ଯାଜପୁର ଜିଲା ସିଆଇଟିୟୁ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଯାଜପୁରରୋଡ୍,୨।୫ (ପବିତ୍ର ରଞ୍ଜନ ମହାନ୍ତି):** ଯାଜପୁର ଜିଲା ସିଆଇଟିୟୁ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସିଆଇଟିୟୁ ସଂଶ୍ଳିଷ୍ଟ ନିର୍ମାଣ ଶ୍ରମିକ ସଂଘ, ପାଚିକା ଓ ସ୍ୱୟଂ ସହାୟକ ସଂଘ, ବ୍ୟାସନଗର ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘ ଓ ଆଶାକର୍ମୀ ସଂଘଙ୍କ ଏକ ମିଳିତ ପଟୁଆର ବାହାରି ଡୋଳିପୁର ନେତାଜୀ ନଗର ପରିକ୍ରମା କରି ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଲାଳମଣି ମୁଣ୍ଡା, ସନ୍ତୋଷ ବରାଳ, ତ୍ରିଲୋଚନ ରାଉତ, ପ୍ରଣବ ଜୀ, ଫନି କିସ୍କୁ, ମାଳତୀ ହାଁସଦା, ବେବିନା ଯେନା, ସମର ମୁଖୀ, ଡାଲି ନାୟକ, କୁଲୁ ଦାସ, ସନ୍ତୋଷ କୁମାର ପୃଷ୍ଟି, ଦିଲୀପ ଦାସ, ପ୍ରମିଳା ନାୟକ ଓ ସୀତା ସୋରେନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାପତି ନାୟକ ନିଜ ବକ୍ତବ୍ୟରେ ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା, ସମସ୍ତ ସ୍କିମ୍ ୱାର୍କରଙ୍କୁ ସ୍ଥାୟୀ କରିବା, ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା, କଳିଙ୍ଗନଗର ଶିଳ୍ପାଞ୍ଚଳରେ ବେକାରିଙ୍କୁ ନିଯୁକ୍ତି ଦେବା ଓ ୪୪ ଶ୍ରମ ଆଇନକୁ ସଂଶୋଧନ କରି ୪ କୋଡ୍ କରିଥିବା ନିୟମକୁ ବାତିଲ କରିବାକୁ ଦାବିକରିଥିଲେ। ଶେଷରେ ମିଳିତ ଶ୍ରମିକ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ।

# ଜେସିବିକୁ ଧକ୍କା ଦେଲା ବୋଲେରୋ ମହିଳା ମୃତ, ୯ ଆହତ

**ଧର୍ମଶାଳା,୨।୫(ବଟକୃଷ୍ଣ ପରିଡ଼ା):** ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ରଥିଆ ଛକ ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୯ଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତ ମହିଳା ଜଣକ ଉଦଳା ଅଞ୍ଚଳର ରାଧି ବିନ୍ଧାଣି (୫୪) ବୋଲି ଜଣାପଡିଛି। ସୂଚନା ମୁତାବକ, ଗୁରୁବାର ଭୋର ସମୟରେ ମୟୂରଭଞ୍ଜ ଉଦଳା ଅଞ୍ଚଳରୁ ଯାତ୍ରୀ ଏକ ବୋଲେରୋରେ କଟକ ଯାଉଥିଲେ। ଏହି ସମୟରେ ରାସ୍ତା ପାର୍ଶ୍ୱରେ କାମ କରୁଥିବା ଏକ ଜେସିବି ସହିତ ବୋଲେରୋ ଧକ୍କା ହୋଇଥିଲା। ଫଳରେ ବୋଲେରୋ ଭାଙ୍ଗିରୁଟି ଚୁରମାର ହୋଇଯାଇଥିଲା ବେଳେ ଡ୍ରାଇଭର ସମେତ ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଜଣେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ଜେସିବିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ମାମଲା ନଂ.୩୨୬।୨୪ଏକ ରୁଜୁ ହୋଇଛି।

### ମହାବୀର ସଂଘ ପକ୍ଷରୁ ଜଳଛତ୍ର

**ପାଣିକୋଇଲି,୨।୫(ବିକାଶ ମଲ୍ଲିକ):** ପ୍ରଚଣ୍ଡ ରୌଦ୍ରତାପକୁ ଆଖି ଆଗରେ ରଖି ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମହାବୀର ମନ୍ଦିର ନିକଟରେ ମହାବୀର ସଂଘ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ପଥଚାରୀ, ବାଇକ ଆରୋହୀ, ଗାଡି ଚାଳକଙ୍କୁ ଦହି ପାଣି ବଣ୍ଟନ କରାଯାଇ ସେମାନଙ୍କ ତୃଷା ମେଣ୍ଟାଇବାକୁ ପ୍ରଚେଷ୍ଟା ଜାରି ରହିଛି। ଅଦ୍ୱୈତ ଚରଣ ଦାଶ, ଅନାମ ମହାପାତ୍ର, କୁଳମଣି ସାହୁ, ନାରାୟଣ କରଣ, କାର୍ତ୍ତିକ ସାହୁଙ୍କ ସମେତ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ଅଶୋକ କୁମାର ଦାସ ଓ ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରୁଛନ୍ତି।

### ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ

**ପାଣିକୋଇଲି,୨।୫(ବିକାଶ ମଲ୍ଲିକ):** ନିର୍ବାଚନ ଯେତେ ପାଖେଇ ଆସୁଛି ମିଶ୍ରଣ ପର୍ବକୁ ସେତିକି ଯୋରଦାର କରାଯାଉଛି। କୋରେଇରେ ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ଆକାଶ ଦାସନାୟକ ବିଧାୟକ ପ୍ରାର୍ଥୀ ହେବାପରେ ସେ ବିଭିନ୍ନ ପଞ୍ଚାୟତଗ୍ରସ୍ତ କରୁଥିବା ବେଳେ ସବୁଠି ମିଶ୍ରଣ ପର୍ବ ଜାରି ରଖିଛନ୍ତି। ଏହିକ୍ରମରେ ପଥରପଦା ଗ୍ରାମରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରାମର ଶତାଧିକ ମହିଳାପୁରୁଷ ଭାଜପାରେ ସାମିଲ ହୋଇଛନ୍ତି। କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀ ଆକାଶଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଦଳ ପକ୍ଷରୁ ସେମାନଙ୍କୁ ଉତ୍ତରୀୟ ଓ ଟୋପି ଦେଇ ସ୍ୱାଗତ କରାଯାଇଛି। ୨୦୦୪ରେ ଯେଭଳି ଭାବେ ସଞ୍ଚିତାଙ୍କୁ ସମର୍ଥନ ମିଳିଥିଲା ତା'ଠାରୁ ଅଧିକ ସମର୍ଥନ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି କୋରେଇ ମାଟିର ସ୍ୱାଭିମାନ ପାଇଁ କୋରେଇବାସୀ ମୋ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଆକାଶ କହିଛନ୍ତି।

# ପ୍ରତିଭା ସମ୍ମାନ ଉତ୍ସବ

**ରସୁଲପୁର,୨।୫(ରଂଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତ ମଧୁବନ ହିଙ୍ଗୁଳା ପୂଜା କମିଟି ପକ୍ଷରୁ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ମାନ ଉତ୍ସବରୁ ଚଳିତବର୍ଷର ମା' ହିଙ୍ଗୁଳାଙ୍କ ୮୭ତମ ଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଛି। ଯଜ୍ଞ ଅବସରରେ ଅନୁଷ୍ଠିତ ସାଂସ୍କୃତିକ ମଞ୍ଚର ଶେଷ ସନ୍ଧ୍ୟାରେ ଆୟୋଜିତ ପ୍ରତିଭା ସମ୍ମାନ ଉତ୍ସବରେ ପୂଜା କମିଟି ସଭାପତି ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ନିରଞ୍ଜନ ମହାରଣା, ସମ୍ମାନିତ ଅତିଥି ସମିତିସଭ୍ୟ ସୌମ୍ୟରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ପୂଜା କମିଟିର କାର୍ଯ୍ୟଧାରକୁ ପ୍ରଶଂସା କରିଥିଲେ। କମିଟି ଐତିହ୍ୟ, ପରମ୍ପରା, କଳା, ସଂସ୍କୃତିକୁ ବଜାଇ ରଖିବାରେ ବ୍ରତି ରହିଛି। ପୂଜା, ମେଳା, ଯଜ୍ଞ ଉତ୍ସବ ଓ ଯାତ୍ରା ପରିବେଷଣ କରାଇ ଗ୍ରାମାଞ୍ଚଳରେ କଳାପ୍ରେମୀଙ୍କୁ ମନୋରଂଜର ଖୋରାକ ଯୋଗାଇବା ଭଳି ଉଦ୍ୟମ ଜାରି ରଖିଥିବାରୁ ଅତିଥି କମିଟି କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କମିଟି ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ମା'ଙ୍କ ପୂଜାବିଧି ଓ ଯଜ୍ଞ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ପୂଜା କମିଟି ପକ୍ଷରୁ ମୁଖ୍ୟ ଅତିଥି ଆଇନଜୀବୀ ମହାରଣାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ମା' ହିଙ୍ଗୁଳା ପୂଜା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ। ଆସନ୍ତା ରବିବାର ଯଜ୍ଞ କୁଣ୍ଡର ବିଭୂତି ବିସର୍ଜନ କାର୍ଯ୍ୟ ସମ୍ପନ୍ନ କରାଯିବ ବୋଲି କମିଟି ସମ୍ପାଦକ ସାହୁ ସୂଚନା ଦେଇଥିଲେ।


ଜଣେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବେଆଇନ ଖନନ କରୁଥିବା ୨ ଜେସିବି ଜବତ

**ଧର୍ମଶାଳା,୨।୫(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ତହସିଲ ଅଧୀନ କୋତପୁର ପଞ୍ଚାୟତ ବଜ୍ରଗିରି ପାହାଡ଼ରୁ ବେଆଇନଭାବେ ମାଟି ଓ ମୋରମ ଖନନ କରୁଥିବା ୨ଟି ଜେସିବିକୁ ଜବତ କରାଯାଇ ୧ଲକ୍ଷ ୪୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପାହାଡରେ ବେଆଇନ ଖନନ ହେଉଥିବା ଖବର ପାଇ ବୁଧବାର ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ଭୂପେଷ ମାଝି, ଆରଆଇ ରାମେଶ୍ୱରୀ ଜେନା, ଏଆର୍‌ଆଇ ଜଗବନ୍ଧୁ ଜେନା ଧର୍ମଶାଳା ପୋଲିସ ସହାୟତାରେ ଚଢ଼ାଉ କରି ଜେସିବି ୨ଟିକୁ ଜବତ କରି କୋତପୁର ଫାଣ୍ଡିରେ ରଖିଥିଲେ। ଗୁରୁବାର ଜେସିବି ମାଲିକମାନେ ପହଞ୍ଚି ଜରିମାନା ଦେଇଥିଲେ ବୋଲି ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି।

# ଆନ୍ତର୍ଜାତିକ ଶ୍ରମ ଦିବସ ପାଳିତ


ଶ୍ରମିକ ଦିବସରେ ଯୋଗଦେଇଥିବା ଅତିଥି ଉଦ୍‌ବୋଧନ ଦେଉଛନ୍ତି।

**ପାଣିକୋଇଲି,୨।୫(ବିକାଶ ମଲ୍ଲିକ):** ପାଣିକୋଇଲି ସିଆଇଟିୟୁ ପକ୍ଷରୁ ଭୁବନେଶ୍ୱରପୁରସ୍ଥିତ ସାମ୍ୟ ଭବନ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ନିର୍ମାଣ ୟୁନିଅନର ରାଜ୍ୟ ସମ୍ପାଦକ ଡାକ୍ତର ନିର୍ମଳ ରଥ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ନିର୍ମାଣ ୟୁନିୟନର ଜିଲା ସଭାପତି ସୁରେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଡା. ନିର୍ମଳ ରଥ, ମାଧବ କୁଣ୍ଡୁ, କୃପାସିନ୍ଧୁ ଭୂୟାଁ ଓ ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଜେନା, ପ୍ରତ୍ୟୁଷ ସାହୁ, ଆଶିଷ ପଣ୍ଡା, ବନମାଳୀ ଭୂତିଆ, ଚନ୍ଦ୍ରମଣି ପଡ଼ିଆରୀ, କୀର୍ତ୍ତନ ସାହୁ, ଅନନ୍ତ ସାହୁ ଓ ନରେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧର୍ମଶାଳା ପ୍ରେସ୍ କ୍ଲବରେ ଶ୍ରମିକ ଦିବସ ପାଳିତ



ଧର୍ମଶାଳା ପ୍ରେସକ୍ଲବ ପକ୍ଷରୁ ଜଣେ ଶ୍ରମିକକୁ ସମ୍ବର୍ଦ୍ଧିତ କରାଯାଉଛି।

**ଧର୍ମଶାଳା,୨।୫ (ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ପ୍ରେସ୍ କ୍ଲବ କାର୍ଯ୍ୟାଳୟଠାରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ମାନସ ଜେନା ଯୋଗଦେଇ ଶ୍ରମିକ ଦିବସର ଥିମ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶ୍ରମିକ ଅନନ୍ତ ମଳିକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କ୍ଲବ ପରିସରରେ ଥିବା ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ବହୁ ସାମ୍ବାଦିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମାଜରେ ସବୁଠାରୁ ଅବହେଳିତ ବର୍ଗରେ ସାମ୍ବାଦିକମାନେ ରହିଥିବା ମତପ୍ରକାଶ ପାଇଥିଲା। ସରକାର ଏମାନଙ୍କ ସୁରକ୍ଷା ବିଷୟରେ ଚିନ୍ତା କରିବାର ସମୟ ଆସିଛି ବୋଲି କୁହାଯାଇଥିଲା।

# ଶ୍ରମିକ ନିଶାଠାରୁ ଦୂରେଇ ରହିବା ଉଚିତ

## ବିଶ୍ୱ ଶ୍ରମିକ ଦିବସ

**ଯାଜପୁରରୋଡ୍,୨।୫ (ପବିତ୍ର ରଞ୍ଜନ ମହାନ୍ତି):** ଯାଜପୁରରୋଡ୍ ଆଇନ ସେବା ପ୍ରାଧିକରଣ (ଲିଗାଲ ସେଲ୍ ସର୍ଭିସେସ୍) ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଶ୍ରମିକମାନଙ୍କୁ ନେଇ ଏକ ସଚେତନତା ଶିବିର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଥିଲା। ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ହୃଷୀକେଶ ଆଚାର୍ଯ୍ୟ ସଭାପତିତ୍ୱ କରି ଦିବସର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା, ଶ୍ରମ ବିବାଦୀୟ ଆଇନ, ସର୍ବନିମ୍ନ ମଜୁରୀ ଆଇନ, ସ୍ୱାସ୍ଥ୍ୟ ସୁରକ୍ଷା, ବିନାକାରଣରେ ଛଟେଇ ନ କରିବା, ଅଣସଂଗଠିତ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଉଦ୍ଦିଷ୍ଟ ଧାରା ଏବଂ ଅଧିକାର ଉପରେ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ। ଶ୍ରମିକମାନେ ନିଜ ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ ହେଲେ ନିଶା ଓ ଜୁଆଖେଳଠାରୁ ଦୂରେଇ ରହିବାକୁ ବିଚାରପତି ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜେଏମ୍ଏଫ୍‌ସି. ସ୍ମିତାଶ୍ରୀବାଣୀ କଲ୍ୟାଣୀ ମିଶ୍ର, ବରିଷ୍ଠ ଶ୍ରମିକନେତା ବିଦ୍ୟାଧର ମହାନ୍ତି, ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରସାଦ ପତି, ନିହାର ରଞ୍ଜନ ଗୋସ୍ୱାମୀ ଓ ରାମଚନ୍ଦ୍ର ପହି ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକ ଆଇନ, ଅଣସଂଗଠିତ ଶ୍ରମିକ ଆଇନ ଉପରେ ଆଲୋକପାତ କରିଥିଲେ। କର୍ମଶାଳାକୁ ରାଜେଶ କୁମାର ରାଉତ, ମହିନ୍ଦ୍ର କୁମାର ମହାପାତ୍ର, ପରିକ୍ଷିତ ମଳିକ ଓ ବିଦ୍ୟାଧର ଯେନା ପ୍ରମୁଖ ପରିଚାଳନା କରିଥିଲେ।



ଯାଜପୁରରୋଡ୍ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ସଂକ୍ଷେପରେ**

## ଆନ୍ତର୍ଜାତିକ ଶ୍ରମିକ ଦିବସ

ରାଜକନିକା, ୨।୫(ସଞ୍ଜୟ କୁମାର ଦାଶ)

ରାଜକନିକା ସିପିଆଇଏମ(ଆଇ) ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ବ୍ଲକର ନହୁଲିଆଠାରେ ପତାକା ଉତ୍ତୋଳନ କରି ଶହୀଦ ବେଦିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ କାଳୀପ୍ରସାଦ ନାୟକ, ଧନେଶ୍ୱର ରାଉତ, ଧୀବର ବେହେରା, ନଳିନୀପ୍ରଭା ତରାଇ, ଦିଲୀପ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଏଆଇସିସିଟିୟୁ ଆନୁକୂଲ୍ୟରେ ଟ୍ରାକ୍ଟର ଶ୍ରମିକ ସଂଘର ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ କଣ୍ଟାପଡା ସେବାସାହିସ୍ଥିତ ସଂଘ କାର୍ଯ୍ୟାଳୟରେ ସଭାପତି ବିଧାନ ଦାସ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ନିରଞ୍ଜନ ସାହୁ, ଉପସଭାପତି ବିପିନ୍ ନାଥ, ମନମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜକନିକା ଅଟୋ ରିକ୍ସା ଚାଳକ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇ ଚନ୍ଦନ ପୋଖରୀ ଛକଠାରେ ସଭାପତି ବିଧାନ ଦାସ ପତାକା ଉତ୍ତୋଳନ କରି ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଏଥିରେ ସଞ୍ଜୟ ରାଉତ, ନକୁଳ ପଲେଇ, ଗୋକୁଳ ବାରିକ୍, ସନାତନ କର ପ୍ରମୁଖ ଉପସ୍ଥିତ ଥିଲେ। ସିପିଆଇ(ଏମଏଲ) ପକ୍ଷରୁ ଅଶୋକବଜାରସ୍ଥିତ ପାର୍ଟି ଅଫିସଠାରେ ଜିଲା ସମ୍ପାଦକ ସାଥୀ ବିଧାନ ଦାସ ପତାକା ଉତ୍ତୋଳନ କରିଥିଲେ। ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ସବିତା ବରଜ, ବିଶ୍ୱମ୍ଭର ବିଶ୍ୱାଳ, ଯୋଗେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁବାବୁଙ୍କ ଡ୍ରାଇଭରଙ୍କ ସ୍ତ୍ରୀଙ୍କ ପରଲୋକ

ରାଜକନିକା, ୨।୫(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତର ସ୍ୱର୍ଗତଃ ଦୁର୍ଗା ଚରଣ ମହାକୁଳଙ୍କ ପତ୍ନୀ ବିମଳା ଦେବୀ(୯୦)ଙ୍କ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, ମେଳାପି, ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ତାଙ୍କ ପରଲୋକରେ ଗ୍ରାମ ସମେତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ତାଙ୍କ ସ୍ୱାମୀ ସ୍ୱର୍ଗତଃ ଦୁର୍ଗା ଚରଣ ଏକଦା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଜଣେ ବିଶ୍ୱସ୍ତ ଡ୍ରାଇଭର ଥିଲେ। ବିମଳାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ନନ୍ଦକିଶୋର ମୁଖାଗ୍ନି ଦେଇଥିଲେ।

## କମେଣ୍ଟମରାକୁ କେନ୍ଦ୍ରକରି ଗଣ୍ଡଗୋଳ, ଜଣେ ଆହତ

ରାଜକନିକା,୨।୫(ରବୀନ୍ଦ୍ର କୁମାର ଦାସ)

କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ ଜଣେ ଆହତ ହୋଇଛନ୍ତି। ରାଜକନିକା ଥାନା ଭରିଗଦା ପଞ୍ଚୟତର ମଙ୍ଗଳପୁର ଗାଁର ରଞ୍ଜନ ମଲ୍ଲିକଙ୍କ ପୁଅ ଦେବଦୁତ୍ତ ଓ ତାଙ୍କ ଭଉଣୀ ସହ ଘର ବାରଣ୍ଡାରେ ବସି ମୋବାଇଲରେ ଫଟୋ ଉଠାଉ ଥିଲେ। ଏହି ସମୟରେ ଅଚ୍ୟୁତପୁର ଗାଁର କେତେଜଣ ଯୁବକ ତାଙ୍କ ଭଉଣୀଙ୍କୁ କମେଣ୍ଟ ମାରିଥିଲେ। ଏହାକୁ ଦେବଦୁତ୍ତ ବିରୋଧ କରିବାରୁ ଯୁବକମାନେ ତାଙ୍କୁ ସଙ୍ଗବଦ୍ଧ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଦେବଦୁତ୍ତଙ୍କର ବାମହାତ ଭାଙ୍ଗିଯାଇଛି। ସେ ପରିବାର ସହିତ ଆସି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଚଳାଇଛି।

# ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

**ଗରମକୁ ଲୋ ଭୋଲ୍ଟେଜ ସମସ୍ୟାର ପ୍ରତିବାଦ**

ଡେରାବିଶ, ୨।୫(ବେବର୍ତ୍ତା ଅଜୟ ଦାସ)

ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ୪୨ ଡିଗ୍ରୀ ତାପମାତ୍ରାରେ ଡେରାବିଶ ଅଞ୍ଚଳରେ ଅଗ୍ନିବର୍ଷା ହେବାରେ ଲାଗିଛି। ଏହାସାଙ୍ଗକୁ ବିଦ୍ୟୁତ୍‌ର ଲୁଚକାଳି ଖେଳ ଓ ଲୋ ଭୋଲଟେଜର ପ୍ରତିବାଦ କରି ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତର ବାଲିପାଟଣା ଓ ତଳପାଟଣା ଗ୍ରାମ (୯ନଂ. ଓ ୧୦ନଂ. ୱାର୍ଡ)ର ଶତାଧିକ ମହିଳା ଗୁରୁବାର କେନ୍ଦ୍ରାପଡ଼ା ଟିପିସିଓଡିଏଲ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାର ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳ ପଞ୍ଚାୟତର ତଳପାଟଣା ଗ୍ରାମର ପ୍ରାୟ ୨ଶହ ଘର ଟିପିସିଓଡିଏଲ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁ ଲୋ ଭୋଲଟେଜ ଏବଂ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ




ମହିଳାମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୁଶିଆପାଳ ପଞ୍ଚାୟତର ବାଲିପାଟଣା ଏବଂ ଖସାପଡିଆ ୨ ଗ୍ରାମର ପ୍ରାୟ ୩ଶହ ବିଦ୍ୟୁତ୍ ଉପଭୋକ୍ତାଙ୍କ ନିମନ୍ତେ ଶହେ କିଲୋୱାଟର ମାତ୍ର ଗୋଟିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ୩ବର୍ଷ ଧରି ଉପଭୋକ୍ତାମାନେ ଲୋ ଭୋଲଟେଜ ସମସ୍ୟା ଭୋଗୁଛନ୍ତି। ଉପଭୋକ୍ତାମାନେ ଏ ସମ୍ପର୍କରେ ବାରମ୍ବାର ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ନିବେଦନ କରିଥିଲେ ସୁଧା ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଉପଭୋକ୍ତାମାନଙ୍କ ପକ୍ଷରୁ ପ୍ରମିଳା ବାଇ, କଲ୍ୟାଣୀ ନାଥ, ତରୁଲତା ରାଉତ, ସରିତା ବାଇ, ସରସ୍ୱତୀ ବାଇ, ଇତିଶ୍ରୀ ନାୟକ, ଉର୍ମିଳା ରାଉତ, ସୁଶିଳା ବାଇ, ମିନତି ରାଉତ, ସଂଯୁକ୍ତା ସେଠୀ, ଭାରତୀ ରାଉତ, ମଞ୍ଜୁଲତା ବାଇ ପ୍ରମୁଖ ଶତାଧିକ ମହିଳା କେନ୍ଦ୍ରାପଡା ଟିପିସିଓଡିଏଲ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ପ୍ରବଳ ଖରାରେ ସକାଳ ସାଢେ ୮ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ବସି ରହିଥିଲେ। ଏ ସମ୍ପର୍କରେ ବିଭାଗୀୟ ଏଜିଏମ୍ ପ୍ରତାପ ସ୍ୱାଇଁଙ୍କୁ ପଚାରିବାରୁ ଚଳିତ ମେ ମାସ ମଧ୍ୟରେ ସଂପୃକ୍ତ ଗ୍ରାମରେ ନୂଆ ଟ୍ରାନ୍ସଫର୍ମର ବସାଯାଇ ଉପଭୋକ୍ତାଙ୍କ ବିଦ୍ୟୁତ୍ ସମସ୍ୟାର ସମାଧାନ କରାଯିବା ନେଇ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

# କଂଗ୍ରେସ ପ୍ରାର୍ଥୀ ଡା. ଦେବସ୍ମିତାଙ୍କ ମାରାଥନ ପ୍ରଚାର



ସଭାରେ କଂଗ୍ରେସ ପ୍ରାର୍ଥୀ ଡା. ଦେବସ୍ମିତା ଶର୍ମା ଓ ଅନ୍ୟମାନେ।

ରାଜକନିକା, ୨।୫(ସଞ୍ଜୟ କୁମାର ଦାଶ)

**ଆଳି ବିଧାନସଭା ନିର୍ବାଚନମଣ୍ଡଳୀ**

ଆଳି ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଭାବେ ଡା. ଦେବସ୍ମିତା ଶର୍ମା ବୁଧବାର ରାଜକନିକା ବ୍ଲକର କାଟଣା-ବଣିଆଁ ପଞ୍ଚାୟତରେ କର୍ମୀ ଓ ସମର୍ଥକମାନଙ୍କ ସହ ନିର୍ବାଚନ ପ୍ରଚାର କରିଥିଲେ। ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଘରକୁ ଘର ବୁଲି କଂଗ୍ରେସ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ୨୯ ବର୍ଷ ପରେ ମହିଳା ବିଧାୟିକା ପ୍ରାର୍ଥୀ ହୋଇଥିବାରୁ ଭୋଟରମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଡାକ୍ତର ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଜେଜ ପୂର୍ବତନ ବିଧାୟକ ଡା. ଦିବାକର ଶର୍ମା, ବାପା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିର୍ବଚନ ମଇଦାନକୁ ଓହ୍ଲାଇଛନ୍ତି। ଡା. ଦେବସ୍ମିତା ପ୍ରଥମେ ବାବା କପିଳେଶ୍ୱରଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଜ୍ଞାମାଳ ନେଇ ଶତାଧିକ କର୍ମୀ ଓ ମହିଳାମାନଙ୍କ ସହ ପ୍ରଚାର କରିଥିଲେ। ନିର୍ବଚନମଣ୍ଡଳୀରେ ଅଭିଜ୍ଞ ଏବଂ ନବାଗତ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଏ ଲଢେଇ ହେବ ବୋଲି ଡା. ଦେବସ୍ମିତା କହିଥିଲେ। ଏହି ପ୍ରଚାରରେ ରାଜକନିକା ବ୍ଲକ ସଭାପତି ମଗୁଲି ଚରଣ ବେହେରା, ପୂର୍ବତନ କାଟଣା-ବଣିଆଁ ସରପଞ୍ଚ ଧନୁର୍ଜୟ ଦାସ, ରଙ୍ଗଲାଲ ମଲ୍ଲିକ ଓ ସୁକାନ୍ତ କୁମାର ନାୟକ ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ।

# ଶ୍ରମିକଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚିପାରୁନି




କେନ୍ଦ୍ରାପଡ଼ାରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଅନୁଷ୍ଠିତ ବିଶ୍ୱ ଶ୍ରମିକ ଦିବସରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡ଼ା, ୨।୫ (ଜଗନ୍ନାଥ ଧଳ)

କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଏହା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଏଥିପାଇଁ ପ୍ରଶାସନିକ ଅଧିକାରୀ ଓ ରାଜନେତା ତତ୍ପରତା ଦେଖାଉ ନାହାନ୍ତି ବୋଲି ମଙ୍ଗଳବାର ଶ୍ରମିକ ଦିବସ ପାଳନ ଅବସରରେ ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ଦାବି ହୋଇଛି। ସହରର ଖଡଅଙ୍ଗସ୍ଥ ସିଟୁ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଜଗତଜୀବନ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗୟାଧର ଧଳ, ସୌମ୍ୟରଞ୍ଜନ ଧଳ, ବାବାଜୀ ଧଳ, ବସନ୍ତ ସେଠୀ, ଫକୀର ଖଟୁଆ, ପ୍ରକାଶ ମହାନ୍ତି, ମାଧବ ଦାସ, ଚିତ୍ତରଞ୍ଜନ ତରାଇ, ସୁହାନା ବେଗମ ପ୍ରମୁଖ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ସେହିପରି ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ କାକଟଠାରେ ଶ୍ରମିକ ଦିବସ ପାଳନ ହୋଇଥିଲା। ଏଥିରେ ସାମ୍ମୁଖ୍ୟ ମହାସଚିବ ସୁବାସ ସିଂ, ରାଜୀବ ମହାନ୍ତି, ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି, ଆଇନଜୀବୀ ନଳିନୀକାନ୍ତ ମହାନ୍ତି, ଧୀରେନ ସାହୁ ପ୍ରମୁଖ ମତ ରଖିଥିଲେ। ସେମାନେ କହିଥିଲେ ଯେ, ରାଜ୍ୟ ସରକାର ୨୪ ବର୍ଷ ମଧ୍ୟରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସାମାଧାନ କରିଛନ୍ତି। ସାମାଜିକ ସୁରକ୍ଷା, ଆବାସ ଯୋଜନା, ମଜୁରି ବୃଦ୍ଧି, ଦୁର୍ଘଟଣାଜନିତ ସହାୟତା, ଦକ୍ଷତା ବୃଦ୍ଧି ଆଦି ବହୁମୁଖୀ ଯୋଜନା କାର୍ଯ୍ୟକାରୀରେ ଶ୍ରମିକଙ୍କ ସମସ୍ୟା କମ ହୋଇଛି। ଏଥିପାଇଁ ଅନୁଷ୍ଠିତ ସଭାରେ ଭୀମସେନ ପରିଡା ଅଧ୍ୟକ୍ଷତା କରିଥିଲେ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ଶ୍ରମିକ ଦିବସରେ ସଚେତନତା

ପଟ୍ଟାମୁଣ୍ଡାଇ, ୨।୫(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ମାଟିଆ ଆଇଟିଆଇ କେନ୍ଦ୍ରଠାରେ ବିଶ୍ୱ ଶ୍ରମିକ ଦିବସ ଅବସରରେ ଏକ ଆଇନ ସଚତେନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିତାଲୁକ ଆଇନ ସେବା ସମିତିର ଅଧକ୍ଷା ସିନିୟର ସିଭିଲ ଜର୍ଜ ସୁଶ୍ରୀ ସଙ୍ଗୀତା ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ହୋଇଥିଲା। ପଟ୍ଟାମୁଣ୍ଡାଇ ବାର ଆସୋସିଏଶନର ଉପସଭାପତି ଆଇନଜୀବୀ ସୁରେଶ ନରେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଏଲଭି ସଭ୍ୟ ପ୍ରଫୁଲ୍ଲ ଦାଶ କହିଥିଲେ, ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ସହାୟତା ସମ୍ପର୍କରେ ବୁଝାଇ ଥିଲେ। ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା ଶ୍ରମିକଙ୍କ ପାଇଁ ଥିବା ବିଭିନ୍ନ ସହାୟତା ବିଷୟରେ ଅବଗତ କରାଇଥିଲେ। କୋଷାଧ୍ୟକ୍ଷ ଧୀରେନ୍ଦ୍ରନାଥ ସାହୁ ଶ୍ରମିକମାନଙ୍କ ସ୍ୱାର୍ଥ ଓ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପିଏଲଭି ସଭ୍ୟ ଧବଳେଶ୍ୱର ଖଣ୍ଡାଇ, ଆଇଟିଆଇ ଅଧକ୍ଷ ଓ ଛାତ୍ରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିତେନ୍ଦ୍ର କୁମାର ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମା'ଙ୍କ ଗାଳି ସହି ନ ପାରି ଛାତ୍ରଙ୍କ ଆତ୍ମହତ୍ୟା

କୁଜଙ୍ଗ,୨।୫( ମନୋଜ ପ୍ରଧାନ)

**ମୋବାଇଲ ଦେଖିବା କାଳ ହେଲା**

ଟିଉସନ୍ ନ ଯାଇ ମୋବାଇଲ ଦେଖୁଥିଲେ। ମା' ଗାଳି କରିବାରୁ ବାଡ଼ିପଟ ଗଛରେ ରଶି ଲଗାଇ ଝୁଲିପଡିଲେ। ଏଭଳି ଦୁଃଖଦ ଘଟଣା ଘଟିଛି ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ପାଟଣା ଗ୍ରାମରେ। ମୃତକ ହେଲେ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମର ଗଦାଧର ସ୍ୱାଇଁଙ୍କ ପୁଅ ଶୁଭମ୍ ସ୍ୱାଇଁ (୧୦)। ସେ ପଞ୍ଚମ ଶ୍ରେଣୀର ଛାତ୍ର ଥିଲେ। ବୁଧବାର ମଧ୍ୟାହ୍ନ ସମୟରେ ମୋବାଇଲ ଦେଖୁଥିବାରୁ ମା'ତାଙ୍କୁ ପାଟିକରିଥିଲେ। ଏହାପରେ ଶୁଭମ୍ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଘର ବାଡିପଟ ଏକ ଗଛରୁ ଶୁଭମ୍‌ଙ୍କୁ ରଶିରେ ଝୁଲୁଥିବା ଦେଖିଥିଲେ। ଏହାପରେ ପରିବାର ସଦସ୍ୟ ଓ ସାହିପଡ଼ିଶା ତାଙ୍କୁ ନେଇ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଶୁଭମ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଅଭୟଚାନ୍ଦପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ. ୬/୨୪) ରୁଜୁ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଗଦାଧରଙ୍କ ଦୁଇ ପୁଅ ଥିବାବେଳେ ପ୍ରାୟ ବର୍ଷକ ପୂର୍ବରୁ ସାନ ପୁଅ ପୋଖରୀରେ ବୁଡି ପ୍ରାଣ ହରାଇଥିଲା । ଏବେ ବଡ଼ପୁଅ ଆତ୍ମହତ୍ୟା କରିଥିବା ଅଭିଯୋଗ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ନିର୍ବାଚନ ପ୍ରଶିକ୍ଷଣରେ ଅନୁପସ୍ଥିତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

ଡେରାବିଶ, ୨।୫(ବେବର୍ତ୍ତା ଅଜୟ ଦାସ)

ଆସନ୍ତା ସାଧାରଣ ନିର୍ବାଚନ କେନ୍ଦ୍ରାପଡ଼ା ଜିଲା ପାଇଁ ଶେଷ ପର୍ଯ୍ୟାୟରେ ହେବ ବୋଲି ନିର୍ବାଚନ କମିଶନ ସମୟ ଧାର୍ଯ୍ୟ କରିଛନ୍ତି। ତେବେ ଏହି ନିର୍ବାଚନ ପାଇଁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବିଭିନ୍ନ ବ୍ଲକ ଅଧୀନରେ ଥିବା ସମସ୍ତ ବିଭାଗର କର୍ମଚାରୀଙ୍କ ପାଇଁ ମାର୍ଚ୍ଚ ୧୪ରୁ ୨୨ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପାଇଁ ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ଏକ କେନ୍ଦ୍ର ସ୍ଥିତିକୃତ କରାଯାଇଥିଲା। ନିର୍ବାଚନ ପାଇଁ ନିୟୋଜିତ ହୋଇଥିବା କର୍ମଚାରୀ ଉପରୋକ୍ତ ସମୟ ମଧ୍ୟରେ ଖୋଲାଯାଇଥିବା ପ୍ରଶିକ୍ଷଣ ନେଇଥିଲେ। ଡେରାବିଶ ବ୍ଲକ ଅଧୀନ ଠାକୁରହାଟସ୍ଥିତ ସୁଦର୍ଶନ ହାଇସ୍କୁଲଠାରେ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମାତ୍ର ଏହି ପ୍ରଶିକ୍ଷଣରେ ଅନୁପସ୍ଥିତ ଥିବା ବ୍ଲକ ଅଧୀନ ବିଭିନ୍ନ ବିଭାଗର ୧୫ଜଣ କର୍ମଚାରୀଙ୍କୁ ଏ ସମ୍ପର୍କରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏ ନେଇ ନଂ.୧୧୧୮/୧।୫।୨୦୨୪ରେ ଡେରାବିଶ ବିଡିଓଙ୍କ ପାଖକୁ ଚିଠି ଆସିଛି। ମେ ୪ ତାରିଖ ସୁଦ୍ଧା ସମ୍ପୃକ୍ତ କର୍ମଚାରୀମାନେ ପ୍ରଶିକ୍ଷଣ ଶିବିରରେ ଅନୁପସ୍ଥିତ ରହିବା ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କାରଣ ଓ ତଥ୍ୟ ଠିକ୍‌ଭାବେ ଉପସ୍ଥାପନ କରିବାକୁ ଚିଠିରେ ନିର୍ଦ୍ଦେଶ ରହିଛି। ସେମାନଙ୍କ ବିରୋଧରେ ପେନାଲ ଆକ୍ସନ କାହିଁକି କରା ନ ଯିବ କାରଣ ଦର୍ଶାଅ ଚିଠିରେ ଉଲ୍ଲେଖ ରହିଛି। ଜିଲାପାଳଙ୍କ ନିକଟରୁ ଆସିଥିବା ଚିଠିକୁ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ ତତ୍‌କ୍ଷଣାତ୍ ଦିଆଯାଇଥିବା ବିଡିଓ ଦାଶରଥୀ ଜେନା ସୂଚନା ଦେଇଛନ୍ତି।

## ବଳାତ୍କାର ଉଦ୍ୟମ ଅଭିଯୋଗ: ଯୁବକଙ୍କୁ କୋର୍ଟ ଚାଲାଣ

ତିର୍ତ୍ତୋଲ, ୨।୫ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ଥାନା କନକପୁର ଫାଣ୍ଡି ଅଞ୍ଚଳର ଜଣେ ଦଳିତ ତେଲଗୁ ସମ୍ପ୍ରଦାୟର ମହିଳାଙ୍କ ବଳାତ୍କାର ଉଦ୍ୟମ କରିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ କନକପୁର ଫାଣ୍ଡି ଅଞ୍ଚଳର ଚିତ୍ତରଞ୍ଜନ ଦାସ ଓରଫ ଚାଙ୍ଗୁଆ। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଆଳିପିଙ୍ଗଳ ଜେଲ ହାଜତକୁ ପଠାଇ ଦିଆଯାଇଛି। ଚାଙ୍ଗୁଆ ମଙ୍ଗଳବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ଘରେ ପଶି ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ବସ୍ତି ବାସିନ୍ଦା ଚାଙ୍ଗୁଆଙ୍କୁ ଧରି ରାସ୍ତାକଡରେ ଥିବା ଏକ ଗଛରେ ବାନ୍ଧି ପକାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ହେପାଜତକୁ ନେଇଥିଲେ।

## ଘର ଜବରଦଖଲ ନେଇ ବିବାଦ



ପାରାଦୀପ,୨।୫(ଶରତ ରାଉତ)

**ଅଧାରୁ ଦଖଲ ବନ୍ଦ ରହିଲା**

ପାରାଦୀପ ଉପକଣ୍ଠ ପାରାଦୀପଗଡ ପଞ୍ଚାୟତ ଅନ୍ତର୍ଗତ ନିମିଢି ଗ୍ରାମରେ ଏକ ଘର ଦଖଲକୁ ନେଇ ବିବାଦ ହୋଇଛି। ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପକ୍ଷରୁ ଋଣଗ୍ରହିତା ମଳୟ କୁମାର ସ୍ୱାଇଁଙ୍କ ଘରକୁ ବୁଧବାର ଅପରାହ୍ନରେ ଦଖଲ କରାଯାଉଥିଲା। ସେହି ସମୟରେ ମଳୟ କଟକର ଋଣ ଅସୁଲିକାରୀ ପ୍ରାଧିକରଣ (ଡିଆରଟି)ପାଖରେ ଏକ ଆବେଦନ କରିଥିଲେ। ଉକ୍ତ ଆବେଦନ ଆଧାରରେ ଡିଆରଟି ବିଚାରପତି ଏହି ଋଣ ସମ୍ପର୍କରେ ଶୁଣାଣି ପାଇଁ ଆସନ୍ତା ୩ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ରହିତାଦେଶ ଜାରି କରିଥିଲେ। ଉକ୍ତ ରହିତାଦେଶ ରିପୋର୍ଟ ପହଞ୍ଚିବା ପରେ ମଧ୍ୟ ଦଖଲ ପ୍ରକ୍ରିୟା ଜାରି ରହିଥିଲା ବୋଲି ମଳୟ ଅଭିଯୋଗ କରିଛନ୍ତି। ପରେ ଗାଁ ଲୋକ ଏକାଠି ହୋଇ ପୋଲିସ ମାଜିଷ୍ଟ୍ରେଟ ଓ ବ୍ୟାଙ୍କ ପ୍ରତିନିଧିଙ୍କୁ ରହିତାଦେଶ ଅର୍ଡର ଦେଖାଇବା ପରେ ସେମାନେ ଫେରିଥିଲେ। ଘଟଣାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# ଟୁଙ୍ଗା ପଞ୍ଚାୟତରୁ ଦୂରହେଲା ପାନୀୟ ଜଳ ସମସ୍ୟା

ଆଳି,୨।୫(ବନମାଳୀ ସେନାପତି)

ଆଳି ବ୍ଲକ ଟୁଙ୍ଗା ପଞ୍ଚାୟତରେ ଦୀର୍ଘବର୍ଷ ହେବ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ଏବେ ସମାଧାନ ହୋଇଯାଇଛି। ପ୍ରତି ୱାର୍ଡରେ ପାଣି ପହଞ୍ଚିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୂଚନାଯୋଗ୍ୟ, ଟୁଙ୍ଗା ପଞ୍ଚାୟତର ୧୧ଟି ୱାର୍ଡରେ ୫ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପ୍ରତି ୱାର୍ଡରେ ପାନୀୟ ଜଳର ସଙ୍କଟ ଦୀର୍ଘଦିନ ହେବ ଥିଲା। ରାଜ୍ୟ ସରକାରଙ୍କ ଜଳ ପରିମଳ ବିଭାଗ ପକ୍ଷରୁ ୱାର୍ଡଗୁଡିକରେ ହୋଇଥିବା ନଳକୂପଗୁଡିକ କେଉଁଠି ଅଚଳ ହୋଇପଡିଛି ତ ଆଉ କେଉଁଠାରୁ ଲୁଣା ପାଣି ବାହାରୁଛି। ଯେଉଁ ନଳକୂପ ଭଲ ରହିଛି ସେଠାରେ ଗ୍ରାମବାସୀ ଲମ୍ବା ଲାଇନ ଲଗେଇ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ଏପରିକି ପାଇପ ପାଣି ଯୋଗାଣ ନିମନ୍ତେ ଟୁଙ୍ଗାଠାରେ ହୋଇଥିବା ପାନୀୟ ଜଳ ପ୍ରକଳ୍ପରୁ ମଧ୍ୟ ସବୁ ୱାର୍ଡକୁ ପାଣି ଯାଉ ନ ଥିଲା। ଏଣ୍ଡୋଳଠାରେ ଆଉ ଏକ ଉଚ୍ଚତାସମ୍ପନ୍ନ



ମହିଳାମାନେ ଷ୍ଟାଣ୍ଡ ପୋଷ୍ଟରୁ ପାଣି ନେଉଛନ୍ତି।

ପାନୀୟ ଜଳ ପ୍ରକଳ୍ପ କରାଯାଇ ସମସ୍ତ ୱାର୍ଡକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏଥିସହ ସମସ୍ତ ୱାର୍ଡରେ ଆଲୋକୀକରଣର ବ୍ୟବସ୍ଥା ବ୍ଲକ ପ୍ରଶାସନର ସହଯୋଗ କ୍ରମେ କରାଯାଇଥିବା ନେଇ ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ପୁହାଣ ସୂଚନା ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ପାନୀୟ ଜଳ ପାଇଁ ଦୀର୍ଘବର୍ଷ ହେବ ହନ୍ତସନ୍ତ ହେଉଥିବା ଲୋକମାନଙ୍କ ଘରେ ପାଇପ ଯୋଗେ ଜଳ ପହଞ୍ଚିଥିବାରୁ ଅଞ୍ଚଳର ଶଶିକଳା ବାରିକ, କାମିନୀ ସାହୁ, ରଞ୍ଜିତା ସାମଲ, ନିର୍ମଳ ସାମଲ, ପ୍ରିୟତମା ଖଣ୍ଡୁଆଳ, ପ୍ରିୟତମା ପୁହାଣ, ନିଶିପ୍ରଭା ସାହୁ, ସ୍ୱରଣିକା ନାୟକ, ସାବିତ୍ରୀ ସାମଲ ଖୁସୀ ବ୍ୟକ୍ତ କରିଛନ୍ତି।

# ଇନ୍ଦୁପୁର ମା' ଚଣ୍ଡୀଙ୍କ ମନ୍ଦିରରେ ଡାକମଣ୍ଡା ଭୋଗ

ଡେରାବିଶ, ୨।୫(ବେବର୍ତ୍ତା ଅଜୟ ଦାସ)

ପ୍ରସିଦ୍ଧ ଶକ୍ତିପୀଠ କେନ୍ଦ୍ରାପଡା ବ୍ଲକ ଅଧୀନ ଇନ୍ଦୁପୁରସ୍ଥିତ ବିରୂପା ନଦୀକୂଳରେ ପୂଜା ପାଇ ଆସୁଛନ୍ତି ମା' ଚଣ୍ଡୀ। ବିପଦ ଆପଦ ସମୟରେ ମା'ଙ୍କ ନିକଟରେ ମନାସିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଅଲୌକିକତା, ଭକ୍ତି ଓ ବିଶ୍ୱାସର ପ୍ରତୀକ ମା'ଙ୍କ ଏହି ପୀଠ ବୈଶାଖ ମାସର ପ୍ରତ୍ୟେକ ଗୁରୁବାର ମାନସିକଧାରୀ ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା ଚଳଚଞ୍ଚଳ ହୋଇଥାଏ। ଜନଶ୍ରୁତିକୁ ଆଧାର କରି ବୈଶାଖର ଏକ ଗୁରୁବାର ମା'ଙ୍କ ପୀଠ ନିକଟରେ ଥିବା ପଡିଆରେ ମଣ୍ଡପିଠା ତିଆରି ନୂଆ ମାଟିହାଣ୍ଡି ସହ ପିଠାକୁ ଗଡାଇ ଦେଲେ ମାନସିକ ପୂରଣ ହୋଇଥାଏ। ବୈଶାଖର ତୃତୀୟ ଗୁରୁବାର ଥିବାରୁ ମା'ଙ୍କ ପୀଠରେ ମହିଳାଙ୍କ ଭିଡ ଅଧିକ ପରିଲକ୍ଷିତ ହୋଇଥିଲା। ଭୋର ୫ଟାରୁ ମା'ଙ୍କ ବେଢାରେ ମଣ୍ଡପିଠା ତିଆରି କରିବା ପାଇଁ କେନ୍ଦ୍ରାପଡ଼ା ସମେତ ପଡୋଶୀ ଯାଜପୁର ଓ

**୩ୟ ଗୁରୁବାର ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼**



କଟକ ଜିଲାର ବିଭିନ୍ନ ଅଞ୍ଚଳରୁ ମହିଳାମାନେ ଆସି ମା'ଙ୍କୁ ଦର୍ଶନ କରିବା ପରେ ମାନସିକ ଡାକମଣ୍ଡା ତିଆରି କରିଥିଲେ। ଏଥିପାଇଁ ସାଙ୍ଗରେ ଆଣିଥିବା ଜାଳେଣୀ କାଠ, ଚାଉଳ ଚୁନା, ଛେନା, ନଡିଆ ଓ ଗୁଡ ସହ ମଣ୍ଡପିଠା ତିଆରି ପାଇଁ ନୂଆ ମାଟିହାଣ୍ଡି ଦେଖିବାକୁ ମିଳିଥିଲା। ମହିଳାଙ୍କ ମଧ୍ୟରୁ କେନ୍ଦ୍ରାପଡା ବ୍ଲକ ଧୂମାତ ଗ୍ରାମର ସ୍ୱର୍ଣ୍ଣଲତା ସାହୁ କୁହନ୍ତି, ଚଳିତବର୍ଷ ମହାବାରୁଣୀ ସ୍ନାନ ସମୟରେ ବିରୂପା ନଦୀରେ ସ୍ନାନ କରୁଥିବା ବେଳେ ତାଙ୍କ ନାତି ସ୍ୱୟଂ ଶ୍ରୀମାନ ସାହୁ ଗଭୀର ଜଳରେ ବୁଡି ଯାଇଥିଲେ। ତେବେ ନାତିକୁ ଉଦ୍ଧାର କରିବା ପାଇଁ କୂଳରେ ଥିବା ଆମ ପରିବାର ଏଭଳି ଦୁର୍ଦ୍ଦଶା ପାଇଁ ଚିତ୍କାର କରିବା ସହ ମା'ଙ୍କୁ ନାତିକୁ ବଞ୍ଚାଇବା ପାଇଁ ପ୍ରାର୍ଥନା କରିଥିଲୁ। ତେବେ ନଦୀରେ ବୁଡ ପକାଉଥିବା ଅନ୍ୟ ଶ୍ରଦ୍ଧାଳୁମାନେ ଅଗ୍ନିଶମ ବିଭାଗ କର୍ମଚାରୀ ସହାୟତାରେ ନାତିକୁ ଉଦ୍ଧାର କରିଥିଲେ। ପରେ ମୋ ନାତିକୁ ଆଣି ମା'ଙ୍କ ନିକଟରେ ତାହାର ଦୀର୍ଘାୟୁ କାମନା କରି ମାନସିକ କରିଥିଲି। ପୂର୍ବରୁ ମଧ୍ୟ ମୋର ଦୁଇପୁଅଙ୍କ ପାଇଁ ମାନସିକ କରି ଏହି ପୀଠକୁ ଆସିଥିବା ବେଳେ ଚଳିତ ବର୍ଷ ମରଣ ମୁହଁରୁ ବଞ୍ଚିଥିବା ସ୍ୱୟଂ ପାଇଁ ପରିବାର ସହ ମା'ଙ୍କ ନିକଟକୁ ଆସିଛି। ଭୋଗ ପାଇଁ କରିଥିବା ମଣ୍ଡାରୁ ଦୁଇଟି ମଣ୍ଡା ସହ ମାଟିହାଣ୍ଡି ପଡିଆରେ ଘୋଡାଇ ଦେଇ ଅନ୍ୟ ମଣ୍ଡପିଠାକୁ ବିତରଣ କରିଥିଲି। ସେହିପରି ପରିବାରର ସୁଖଶାନ୍ତି ଓ ମଙ୍ଗଳ ଭବିଷ୍ୟ କାମନା କରି ପ୍ରତ୍ୟେକ ବର୍ଷ ମା'ଙ୍କ ନିକଟରେ ଡାକମଣ୍ଡା ଭୋଗ କରିଆସୁଛୁ ବୋଲି ସ୍ଥାନୀୟ ଇନ୍ଦୁପୁର ଗ୍ରାମର ମଧୁସ୍ମିତା ଜେନା କହିଛନ୍ତି। ଭିଡକୁ ଦୃଷ୍ଟିରେ ରଖି ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାରଙ୍କ ନେତୃତ୍ୱରେ ସମିତି ସଭ୍ୟ ସୁନନ୍ଦା ମଲ୍ଲିକ, ପୂର୍ବତନ ସରପଞ୍ଚ ବିଜନ ମଲ୍ଲିକ, ସାମାଜିକ କର୍ମୀ ଶରତ ଚନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ଯୁବ ସ୍ୱେଚ୍ଛାସେବୀ ଜଳଛତ୍ର କେନ୍ଦ୍ର ଖୋଲି ଜଳଦାନ କରିଥିଲେ। ବୈଶାଖୀ ପର୍ବ ପାଇଁ ଘରକରଣା ସାମଗ୍ରୀ ଓ ଫାଷ୍ଟଫୁଡ୍ ଦୋକାନ ଅଧିକ ସଂଖ୍ୟାରେ ଖୋଲା ଯାଇଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଦିଗପହଣ୍ଡି,୨।୫(ଅଶେଷନାଥ ମିଶ୍ର): ଦିଗପହଣ୍ଡି ଅଞ୍ଚଳରେ ଚଳିତ ବର୍ଷର ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ ମିଳିଛି। ମୃତକଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ମୃତକ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀମପୁର ଶାସନ ଗ୍ରାମର ଲକ୍ଷ୍ମୀକାନ୍ତ ମିଶ୍ର। ସେ ସାନଖେମୁଣ୍ଡି ବ୍ଲକ୍ ଟି.ଗୋବିନ୍ଦପୁର ଗ୍ରାମ ଯାଇଥିବା ବେଳେ ବୁଧବାର ଡମ୍ବରୁଧର ନାୟକଙ୍କ ଘର ଆଗରେ ଅଚେତ ଅବସ୍ଥାରେ ପଡିରହିଥିଲେ। ପୋଲିସ୍ ପହଞ୍ଚି ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ।

### ମନ୍ଦିର କାନ୍ଥରେ ପିଟି ହେଲା ବାଇକ, ଚାଳକ ମୃତ

ଦିଗପହଣ୍ଡି,୨।୫(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଅନ୍ତର୍ଗତ ଚୁଡୁଙ୍ଗପୁର ଗ୍ରାମ ନିକଟରେ ଏକ ବାଇକ ଦୁର୍ଘଟଣା ଘଟି ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ଭଣ୍ଡାରି ସାହିର ବି. ଗୁରୁନାଥ (୪୨) ଏବଂ ଆହତ ମହିଳା ଜଣକ ଗୁରୁନାଥଙ୍କ ଶାଶୁ ଏନ. ସୀତାମ୍ମା ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛି। ଦୁହେଁ ମିଶି ବୁଧବାର ସକାଳୁ ଚିକିଟିରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ଚୁଡୁଙ୍ଗପୁର ଗ୍ରାମ ରାସ୍ତା କଡ଼ରେ ଥିବା ମନ୍ଦିର କାନ୍ଥରେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ଗୁରୁନାଥଙ୍କ ମୃତ୍ୟୁ ହୋଇଥିଲା।

### ଗଞ୍ଜାମରେ ଭାଜପାର ମିଶ୍ରଣ ପର୍ବ

ଗଞ୍ଜାମ,୨।୫(ବିଦ୍ୟାଧର ସାହୁ): ଗଞ୍ଜାମ ସହର ସ୍ଥିତ ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ହୋଇଯାଇଛି। ନଗର ଭାଜପା ସଭାପତି କାନ୍ତାରୀ ଦଳାଇଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ଲିଲି ପଲେଇ, ଅଜୟ ପ୍ରଧାନ, ବେଣୁପାଣି ସ୍ୱାଇଁ, ପୂର୍ବତନ ସରପଞ୍ଚ ନିରଞ୍ଜନ ରେଡ୍ଡୀ, ସନ୍ତୋଷ କୁମାର ସେଠି, ଗନ୍ଧି ଗୌଡ଼, ଉମାକାନ୍ତ ସାହୁ, ଭୁଆଁଭୁଇଁର ଗନ୍ତେଇ ବେହେରା, କନ୍ଧୁ ଗୌଡ଼ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବ ଅବସରରେ ଜିଲା ସଭାପତି ସୁବାସ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ଗଞ୍ଜାମ ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ, ସମିତି ସଭ୍ୟ ଧ୍ରୁବଚରଣ ପଲାଇ, ପୂର୍ବତନ କାଉନସିଲର ଧନୁର୍ଦ୍ଧର ବେହେରା, ଆଇନଜୀବୀ ବ୍ରଜ ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ନିଆଁରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ରାମଗିରି,୨।୫(ବୃନ୍ଦାବନ ଗୌଡ଼): ନିଜ କାଜୁ ବାଡ଼ରେ ନିଆଁ ଲାଗିଥିବା ଶୁଣି ଲିଭାଇବାକୁ ଯାଇଥିବା ବେଳେ ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ରାମଗିରି ଥାନା ଅନ୍ତର୍ଗତ ରାୟଗଡ ତହସିଲର ବୋଲଡାଗୁମା ଗ୍ରାମ ଅର୍ଜୁନ କୁମାର ନାୟକ ନିଜ କାଜୁ ବାଡ଼ର ଶୁଖିଲା ପତ୍ର ଗୁଡ଼ିକରେ ନିଆଁ ଲାଗିଥିବା ଶୁଣି ମଙ୍ଗଳବାର ନିଆଁକୁ ଆୟତ୍ତ କରିବାକୁ ଯାଇଥିଲେ। ସେଠାରେ ସେହି ନିଆଁରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୁଅ ଲକ୍ଷ୍ମଣ ରାମଗିରି ଥାନାକୁ ଜଣେଇଥିଲେ।

# ପୁରୀ ରଥ ପାଇଁ ଭଞ୍ଜନଗରରୁ କାଠ ଗଲା



ରଥ କାଠ ପୂଜାର୍ଚ୍ଚନା କରାଯାଉଛି ।

ଭଞ୍ଜନଗର,୨।୫ (ବାବୁଲା ପ୍ରଧାନ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଇବାଲି ସେକ୍ସନରୁ ଗୁରୁବାର ୪୦ ଖଣ୍ଡ କାଠ ପୁରୀ ରଥଯାତ୍ରା ପାଇଁ ଯାଇଛି । ଅପରାହ୍ନ ୪ଟାରେ କାଠଗୁଡ଼ିକୁ ପୂଜାର୍ଚ୍ଚନା କରାଯାଇଥିଲା । ଡ଼ିଏଫଓ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ ପତକା ହଲାଇ ରଥ କାଠ ଗାଡ଼ିର ଶୁଭାରମ୍ଭ କରିଥିଲେ। ଯେଉଁ ରାସ୍ତା ଦେଇ ରଥକାଠ ଯାଇଥିଲା ସମ୍ପୃକ୍ତ ରାସ୍ତାରେ ଲୋକେ ଗାଡ଼ିକୁ ଅଟକାଇ ପୂଜାର୍ଚ୍ଚନା କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇପଡ଼ିଥିଲା। ସନ୍ଧ୍ୟାରେ ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ରଥ କାଠ ଗାଡ଼ି ପହଞ୍ଚିବା ପରେ ସେଠାରେ ପୁଣି ପୂଜାର୍ଚ୍ଚନା କରାଯାଇଥିଲା। ରଥ କାଠକୁ ଛୁଇଁବା ପାଇଁ ସହରବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମ କିଭଳି ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହେବ ସେଥିପାଇଁ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ। ଗତବର୍ଷ ମଧ୍ୟ ଏହି ବନଖଣ୍ଡରୁ ପୁରୀ ରଥ ଯାତ୍ରା ପାଇଁ କାଠ ଯାଇଥିଲା। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୪୦ ଖଣ୍ଡ କାଠ ଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆହୁରି କାଠ ଯିବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ମଧ୍ୟ ପୁରୀ ରଥ ଯାତ୍ରା ପାଇଁ କାଠ ଚିହ୍ନଟ ହୋଇଛି ।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ ସମାରୋହ




ନୟାଗଡ଼ରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥି।

ନୟାଗଡ଼,୨।୫(ଲୋକନାଥ ମିଶ୍ର) ବୁଧବାର ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସହରସ୍ଥିତ ଆରସିଏମ୍ଏସ୍ କଲ୍ୟାଣ ମଣ୍ଡପଠାରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ନୟାଗଡ଼ ଜିଲା ଶାଖା ଆନୁକୂଲ୍ୟରେ ଶ୍ରମିକ ଦିବସ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ନିର୍ମାଣ ଶ୍ରମିକ,ଅଣସଙ୍ଗଠିତ ଶ୍ରମିକ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ,ପାଚିକା- ସହାୟିକାମାନେ ଯୋଗଦେଇ ନିଜ ନିଜର ମତ ରଖିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରମିକମାନଙ୍କ ପାଇଁ କରିଥିବା ବହୁ ଜନକଲ୍ୟାଣ ଯୋଜନା ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ନୟାଗଡ଼ ଜିଲାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ବାସୁଦେବ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ଶ୍ରମିକ ଏକତା, ସଙ୍ଗଠନର କାର୍ଯ୍ୟଧାରା,ସମ୍ବିଧାନରେ ଟ୍ରେଡ୍ ୟୁନିୟନର ଗୁରୁତ୍ୱ ଏବଂ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ଶ୍ରମିକ ନେତା ଏକାଦଶୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ରଣପୁର,(ସୁକାନ୍ତ କିଶୋର ଡାକୁଆ): ରଣପୁର ଶହୀଦ ରଘୁ ଦିବାକର ଭବନଠାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସିଟୁର ବରିଷ୍ଠ ନେତା ଭିକାରୀ ଚରଣ ସାହୁ ଲାଲ ପତାକାକୁ ଉତ୍ତୋଳନ କରିବା ସହ ଶହୀଦ ହୋଇଥିବା ଶ୍ରମିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ ଶ୍ରମିକ ଦିବସ ସମ୍ପର୍କରେ ଆଲୋଚନା କରିବା ସହ ମାଲିକମାନଙ୍କ ଶ୍ରମିକ ଶୋଷଣ ନୀତିକୁ ବିରୋଧ କରିଥିଲେ। ବର୍ତ୍ତମାନ ଦୈନିକ ୮ ଘଣ୍ଟା କାମ କରିବାର ଅଧିକାରର ସୁରକ୍ଷା ସହ ମୋଦି ସରକାର ମାଲିକ ସପକ୍ଷବାଦୀ ୪ ଶ୍ରମ କୋର୍ଡ ପରିବର୍ତ୍ତେ ୪୪ ଶ୍ରମ ଆଇନର ସୁରକ୍ଷା ଓ ଶ୍ରମିକଙ୍କ ବିଭିନ୍ନ ଅଧିକାର ପାଇଁ ଐକବଦ୍ଧ ଆନ୍ଦୋଳନ ଗଢି ତୋଳିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ସଭାରେ ସିଟୁର ରାଜ୍ୟ ସମ୍ପାଦକ ସୁରେଶ ସ୍ୱାଇଁ,ଦୁଃଶାସନ ଜେନା,ସଂଯୁକ୍ତା ସେଠୀ,ସବ୍ୟସାଚୀ ସେନାପତି, ସୁକାନ୍ତି ଜେନା,ରଞ୍ଜୁଲତା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନିତ୍ୟାନନ୍ଦ ପରିଡ଼ା,ଲକ୍ଷ୍ମୀଧର ଲେଙ୍କା,ସୁଶୀଲ ମହାନ୍ତି ଓ ଗଦାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୫୦ରୁ ଉର୍ଦ୍ଧ୍ୱ ଆଶା କର୍ମୀ, ପାଚିକା, ନିର୍ମାଣ ଶ୍ରମିକ ଓ କୃଷି ଶ୍ରମିକ ଯୋଗ ଦେଇଥିଲେ।



ରଣପୁରରେ ଶ୍ରମିକ ସଂଗଠନ ପକ୍ଷରୁ ପତାକା ଉତ୍ତୋଳନ କରାଯାଉଛି।

# ଭୋଟର ସଚେତନତା ପାଇଁ ଏଲିଡି ଭ୍ୟାନ୍ ଶୁଭାରମ୍ଭ




ସଚେତନତା ପାଇଁ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଉଛି।

ପାରଳାଖେମୁଣ୍ଡି, ୨।୫ (ଗିରିଧାରୀ ପରିଛା): ଗଜପତି ଜିଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତାର ଏଲିଡି ଭ୍ୟାନ ରଥ ଓ ସେଲ୍ଫି ପଏଣ୍ଟ ସହ ଦସ୍ତଖତ ଅଭିଯାନକୁ ସାଧାରଣ ପର୍ଯ୍ୟବେକ୍ଷକ ଗନ୍ଧମ ଚନ୍ଦ୍ରୁଡୁ ଓ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଆସନ୍ତା ମେ' ୧୩ ତାରିଖ ଦିନ ନିର୍ବାଚନ ପର୍ବରେ ନିଜ ନିଜର ମତଦାନ କରିବା ପାଇଁ ସଚେତନତା କରାଯିବ। ଜିଲାରେ ଶତପ୍ରତିଶତ ମତଦାନ ହାର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭୋଟରଙ୍କୁ ସଚେତନ କରିବା ପାଇଁ ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏଂ ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କୁ ପ୍ରଚାର ପ୍ରସାର କରି ନିଜର ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିବାକୁ ସଚେତନତା କରାଯିବ। 'ନିର୍ବାଚନର ପର୍ବ ଆମ ଦେଶର ଗର୍ବ' ବାର୍ତ୍ତା ସହ ଏହି ଏଲିଡି ଭ୍ୟାନ ରଥ ଜିଲାର ସମସ୍ତ ଭୋଟ କେନ୍ଦ୍ରକୁ ଯାଇ ଭୋଟର ଭାଇ ଭଉଣୀମାନଙ୍କୁ ସଚେତନ କରାଯିବ ବୋଲି ଜିଲାପାଳ କହିଛନ୍ତି। ସମସ୍ତେ ଭୋଟର ଆସି ମେ' ୧୩ ତାରିଖ ଦିନ ନିଜର ବହୁମୂଲ୍ୟ ମତଦାନକୁ ସାବ୍ୟସ୍ତ କରିବାକୁ ଭୋଟରମାନଙ୍କୁ ବିଭିନ୍ନ ଉପାୟରେ ସଚେତନତା କରାଯାଉଛି। ବିଶେଷ କରି ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦ୍ୱିଭାଷୀ ଭୋଟର ରହିଥିବା ଯୋଗୁଁ ଉଭୟ ତେଲୁଗୁ ଓ ଓଡିଆ ଭୋଟର ସଚେତନତା ଗୀତ ରେକର୍ଡିଂ ହୋଇଥିବା ଶୁଣିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼. ଗୁଣନିଧି ନାୟକ, ନିର୍ବାଚନ ଶାଖାର ଡେପୁଟି କଲେକ୍ଟର କମଳକାନ୍ତ ପଣ୍ଡା, ଡିପିଏମ ଓଏଲମ ଟିମନ ବାରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସାଲୁଗା ପ୍ରଧାନଙ୍କ ପ୍ରାର୍ଥିପତ୍ର ଦାଖଲ

ଜି.ଉଦୟଗିରି,୨।୫(ଶିଶିର ପଟ୍ଟନାୟକ): ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ବର୍ତ୍ତମାନର ବିଧାୟକ ସାଲୁଗା ପ୍ରଧାନ ବୁଧବାର ବାଲିଗୁଡାଠାରେ ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଫିସର ଅଶୋକ କୁମାର ଭୋଇଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତାଙ୍କ ସହ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଲେଶ ପ୍ରଧାନ, ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକଙ୍କ ସମେତ ଦାରିଙ୍ଗବାଡ଼ି, ଟିକାବାଲି, ରାଇକିଆ, ଜି.ଉଦୟଗିରି ବ୍ଲକ ଓ ଜି. ଉଦୟଗିରି ଏନ୍ଏସିର ବିଜେଡି କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି, ଶତାଧିକ କର୍ମୀ ଶୋଭାଯାତ୍ରାରେ ଯାଇଥିଲେ। ଏକ ବିରାଟ ଶୋଭାଯାତ୍ରାରେ ଆସି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶୋଭଯାତ୍ରା ସମୟରେ ସମର୍ଥକମାନେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ପୁଣି ଥରେ ବିଧାୟକଙ୍କୁ ଜିତାଇବା ନିମନ୍ତେ ଏକ ପ୍ରକାର ସଂକଳ୍ପ ନେଇଥିଲେ।

# ଢୋଲ, ସିଂଘ ବାଦ୍ୟରେ କମ୍ପିଲା ଗୌଡ଼ସାହି

ଦାରିଙ୍ଗବାଡି,୨।୫(ଅରୁଣ ସାହୁ): ଦାରିଙ୍ଗବାଡିଠାରେ ୯ ଦିନ ହେଲା ମା' ଠାକୁରାଣୀଙ୍କ ଯାତ୍ରା ଚାଲିଛି। ଏଥିପାଇଁ ଦାରିଙ୍ଗବାଡି ଉତ୍ସବମୁଖର ହୋଇପଡ଼ିଥିବା ବେଳେ ପ୍ରତିଦିନ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି । ଅଷ୍ଟମ ଦିନରେ ମା' ଠାକୁରାଣୀ ମାହାଡାଗାଣ୍ଡା ଘଟ ପରିକ୍ରମାରେ ଯାଇଥଲେ। ସାହିବାସିନ୍ଦା ପୂଜାର୍ଚ୍ଚନା କରି ମା'ଙ୍କୁ ବିଦାୟ ଦେଇଥିଲେ। ସେହିପରି ମୁକ୍ତ ମଞ୍ଚରେ ନାଟକ ପ୍ରତିଯୋଗିତାରେ ଖଜୁରିପଡା ବ୍ଲକ ଅଞ୍ଚଳର କଳାକାରଙ୍କ ଦ୍ୱାରା "ଏ ଆଖି ଖୋଜୁଛି ତତେ" ନାଟକ ପରିବେଷଣ ହୋଇଥିଲା। ନବମ ଦିନରେ ଗୌଡ଼ ସାହି ବାସିନ୍ଦା ବିରାଟ ପଟୁଆରରେ ମା'ଙ୍କ ବାପଘର ତଥା ଅସ୍ଥାୟୀ ମନ୍ଦିରରେ ଆସି ପହଞ୍ଚିଥିଲେ। ସେଠାରେ ମା'ବୁଢ଼ୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ସହ ଆଳତି କରାଯାଇଥିଲା। ଗୌଡ଼ ସାହି ପକ୍ଷରୁ ଗଜାମୁହାଁ ଓ ପଣାହାଣ୍ଡି ନେଇ ମା'ଙ୍କୁ ନିମନ୍ତ୍ରଣ କରାଯାଇଥିଲା। ବିରାଟ ପଟୁଆରରେ ସାହି ବାସିନ୍ଦା ଗୌଡ଼ ସାହିରୁ ବାହାରିବା ବେଳେ ଚଇତି ଘୋଡା ନୃତ୍ୟ ସମେତ ଘଣ୍ଟ, ବାଦ୍ୟ, ସିଂଘବାଦ୍ୟ, ଦଣ୍ଡବାଦ୍ୟ, ଢୋଲ ଆଦି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। ଗୌଡ଼ ସାହିର କର୍ମକର୍ତ୍ତା ତଥା ଠାକୁରାଣୀ ଯାତ୍ରା ମୁଖ୍ୟ ପୂଜକ ବୁଲୁ ତ୍ରିପାଠୀଙ୍କ ସମେତ ଚନ୍ଦନ ତ୍ରିପାଠୀ, ଆଲୋକ ତ୍ରିପାଠୀ, ସାଲୁ ଗୌଡ଼, ଲେଙ୍କା ନାୟକ, ଯୁଧିଷ୍ଠିର ପ୍ରଧାନ, ଦିଲୀପ ବେଣିଆ, ଅଜିତ ସାହୁ, ଅବକାଶ ବେହେରା, ଅନିଲ ସାହୁ, ସୁଶୀଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବିଳମ୍ବିତ ରାତିରେ ଗ୍ରୀନବାଡି ବାସିନ୍ଦାଙ୍କ ପକ୍ଷରୁ ସ୍ଥାନୀୟ କଳାକାରମାନେ ମୁକ୍ତ ମଞ୍ଚରେ "ଲୁହରେ ଲେଖା ମୋ କପାଳ ରେଖା" ନାଟକ ପରିବେଷଣ କରିଥିଲେ ।

# ପ୍ରଦୀପ ପାଣିଗ୍ରାହୀଙ୍କ ଶକ୍ତି ପ୍ରଦର୍ଶନ

ମୋହନା,୨।୫(ମନ୍ମଥ ମିଶ୍ର): ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ମୋହନା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଭାଜପା ଏମପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଏବଂ ମୋହନା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକ ନିର୍ବାଚନ ପ୍ରଚାର କରିବା ସହ ବିଶାଳ ବାଇକ ରାଲି ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ସକାଳ ପ୍ରାୟ ୯ଟାରେ କମଳାପୁର ନାକା ପଏଣ୍ଟଠାରେ ପ୍ରଦୀପ ପାଣିଗ୍ରାହୀ ପହଞ୍ଚିବା ପରେ ତାଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା। ସେଠାରୁ ବିଶାଳ ବାଇକ ରାଲିରେ ଯାଇ ମୋହନା କଲେଜ ଛକରେ ଥିବା କାର୍ଯ୍ୟାଳୟକୁ ଉଦଘାଟନ କରିବା ସହ ଗଜପତି



ଶୋଭାଯାତ୍ରାରେ ଯାଉଛନ୍ତି ଭାଜପା ଏମପି ଓ ବିଧାୟକ ପ୍ରାର୍ଥୀ।

ଜିଲା କଂଗ୍ରେସ ସମ୍ପାଦକ ହରପ୍ରସାଦ ମିଶ୍ରଙ୍କୁ ଉପଢ଼ୌକନ ପକାଇ ଦଳରେ ସାମିଲ କରିଥିଲେ। ପରେ ମୁଖ୍ୟ ବଜାରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ନିକଟରେ ପାଣିଗ୍ରାହୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମୋହନା ବଜାରରେ ଲୋକଙ୍କ ସହ ହାତ ମିଶାଇ ଭୋଟ ଦେବାକୁ ଅନୁରୋଧ କରିଥିଲେ। ପରେ ମୋହନା ଲୁହାଗୁଡ଼ି, ଅଡବା, ଚନ୍ଦ୍ରଗିରି, ଚାନ୍ଦିପୁଟ, ମହେନ୍ଦ୍ରଗଡ ଓ ରାମଗିରି ଭଳି ବିଭିନ୍ନ ସ୍ଥାନରେ ବାଇକ ରାଲି ମାଧ୍ୟମରେ ପ୍ରଚାର କରିଛନ୍ତି।

# ବିଜେଡି ଟିକେଟ ହାତେଇଲେ ସୂର୍ଯ୍ୟମଣି



ବିଧାୟିକା ପ୍ରାର୍ଥୀଙ୍କୁ ଶୋଭାଯାତ୍ରାରେ ପାଛୋଟି ନେଉଛନ୍ତି ସମର୍ଥକ ।

ଖଲ୍ଲିକୋଟ,୨।୫(ପ୍ରଶାନ୍ତ କୁମାର ମିଶ୍ର): ଶେଷରେ ବିଜେଡି ଟିକେଟ ହାତେଇଛନ୍ତି ସୂର୍ଯ୍ୟମଣୀ ବୈଦ୍ୟ। ଗତ ୧୦ ଦିନ ଧରି ଖଲ୍ଲିକୋଟରେ ବିଜେଡି ଟିକେଟ ସନ୍ଦେହରେ ଥିବା ବେଳେ ବୁଧବାର ପରଦା ହଟିଥିଲା। ଖଲ୍ଲିକୋଟରେ ବିଧାୟକ ପ୍ରାର୍ଥୀ ଭାବେ ବିଜେଡିରୁ ଟିକେଟ ପାଇବା ପାଇଁ ଛକାପଞ୍ଝା ଲାଗି ରହିଥିଲା। ବୁଧବାରେ ଡାକରା ପାଇ ସୂର୍ଯ୍ୟମଣୀ ଭୁବନେଶ୍ୱର ଶଙ୍ଖ ଭବନକୁ ଯାଇଥିଲେ। ସେଠାରେ ତାଙ୍କୁ ଦଳ ତରଫରୁ ଟିକେଟ ପ୍ରଦାନ କରାଯାଇଥିଲା। ଟିକେଟ ଧରି ଆସିବା ବେଳେ ସମର୍ଥକମାନେ ନାରାୟଣୀ ଛକଠାରୁ ଏକ ବିରାଟ ବାଇକ ରାଲିରେ ପାଛୋଟି ନେଇଥିଲେ। ଖଲ୍ଲିକୋଟ ସହର ପରିକ୍ରମା ପରେ ସ୍ୱର୍ଗତ ରାଣୀ ସାହେବା ସୁଜ୍ଞାନୀ ଦେବୀଙ୍କ ନିର୍ମଳଝର ସ୍ଥିତ ବାସଭନକୁ ଯାଇ ରାଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସେଠାରେ ରାଣୀଙ୍କ ପୁତୁରା ଡାକ୍ତର ସାକେତଙ୍କ ସହ ଆଲୋଚନା କରିଥିଲେ। ଡାକ୍ତର ସାକେତ ରାଣୀ ସୁଜ୍ଞାନୀ ଦେବୀଙ୍କ ଟେକ ରଖିବା ପାଇଁ ସମସ୍ତେ ମିଳିମିଶି ଏକଜୁଟ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ।

# ବେଗୁନିଆପଡ଼ାରେ ଭାଜପାର ମହାମିଶ୍ରଣ ପର୍ବ

କବିସୂର୍ଯ୍ୟନଗର,୨।୫ (କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ବେଗୁନିଆପଡାଠାରେ ଭାଜପା ପକ୍ଷରୁ ଗୁରୁବାର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ କର୍ମୀ ଏକତ୍ରିତ ହୋଇଥିଲେ। ବରିଷ୍ଠ ନେତା ଯଜ୍ଞଭାଇଙ୍କ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ପ୍ରଭାରୀ ବିଜୟ ସିଂ ତୋମାର, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ଃ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଲୋକସଭା ମଣ୍ଡଳୀ ପ୍ରଭାରୀ ଜୟନ୍ତୀ ପଣ୍ଡିଆରୀ, ସିନେ ତାରକା ହରିହର ଭାଇ, କୋଦଳା ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ, ଲୋକସଭା ପ୍ରଭାରୀ ଅଜୟ ଭାଇ, କାର୍ଯ୍ୟକାରୀ ସଭାପତି ବିଜୟ ଭାଇ, ବରିଷ୍ଠ ନେତା ସୀତାରାମ ପାଣିଗ୍ରାହୀ, ଖଲ୍ଲିକୋଟ ପ୍ରାକ୍ତନ




ଅଧ୍ୟକ୍ଷ ଶଙ୍କର ଭାଇ, କବିସୂର୍ଯ୍ୟନଗର ବିଧାନସଭା ପ୍ରାର୍ଥୀ ପ୍ରତାପ ନାୟକ ଓ ଆସିକା ଲୋକସଭା ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ । ଏହି ମିଶ୍ରଣ ପର୍ବରେ ବେଗୁନିଆପଡା ୪୪ନଂ ପ୍ରାକ୍ତନ ଜିଲା ପରିଷଦ ମନୋଜ କୁମାର ପାଣ୍ଡୀ, ବିଜେଡି ବ୍ଲକ ସଭାପତି ବିଜୟ କୁମାର ଦୋରା, ବିଜେଡି କୋଦଳା ଏନଏସି ସଭାପତି ସଞ୍ଜୀବ କୁମାର ସାହୁ, କୋଦଳା ଏନଏସି ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ସାହୁ, ଦିଗାପଡା ପ୍ରାକ୍ତନ ସମିତି ସଦସ୍ୟ ବିଭୁତିଭୂଷଣ ପାଣ୍ଡୀ, ସମିତି ସଦସ୍ୟ ଚିତ୍ରସେନ ପରିଡ଼ା, ନୀଳାଞ୍ଚଳ ପାଢ଼ୀ, ସୁରେନ୍ଦ୍ର ପଲତା, ରବୀନ୍ଦ୍ର ମହାନ୍ତି, ଝଡିଆ ସ୍ୱାଇଁ, ରବୀନ୍ଦ୍ର ଜେନା ପ୍ରମୁଖ ଶତାଧିକ ନେତା ମିଶ୍ରଣ ପର୍ବରେ ମୋଦିଙ୍କ ସୁଶାସନ, ବ୍ୟକ୍ତିତ୍ୱ, ପରାକାଷ୍ଠା, ଆଦର୍ଶକୁ ପାଥେୟ କରି ଭାଜପାରେ ସାମିଲ ହୋଇଥିଲେ।





ବିଜେଡି ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ, ଭାଜପା ପ୍ରାର୍ଥୀ ସୁରମା ପାଢ଼ୀ ଓ ଦୁଷ୍ମନ୍ତ ସ୍ୱାଇଁ ପ୍ରାର୍ଥିପତ୍ର ଦାଖଲ ପାଇଁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି।

# ପ୍ରାର୍ଥିପତ୍ର ଦାଖଲକୁ ନେଇ ଉଷ୍ମତା

**ନୟାଗଡ଼,୨।୫(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାରେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେଉଥିବାରୁ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି । ପ୍ରାର୍ଥୀମାନେ ବାଣ, ବାଜା, ଘଣ୍ଟ ବଜାଇ ଶୋଭାଯାତ୍ରାରେ ଆସି ନିଜର ପରାକାଷ୍ଠା ଦେଖାଉଛନ୍ତି । ନୟାଗଡ଼ରେ ଅଗ୍ନିବର୍ଷା ହେଉଥିବାବେଳେ ନେତା ଓ କର୍ମୀଙ୍କୁ କିଛି ଫରକ ପଡୁନି। ଗୁରୁବାର ରଣପୁର ବିଧାୟକ ସତ୍ୟ

**ଜିଲାପାଳଙ୍କ କାର୍ଯ୍ୟାଳୟ ଲୋକାରଣ୍ୟ**

ନାରାୟଣ ପ୍ରଧାନ ବିଜେଡିରୁ ରଣପୁର ନିର୍ବାଚନମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଫିସର ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ଭାବେ ରାଘବ ମଲିକ ଜିଲା ପରିଷଦର ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ଭାବେ ଦୁଷ୍ମନ୍ତ ସ୍ୱାଇଁ ଓ କଂଗ୍ରେସ ପ୍ରାର୍ଥୀ ଭାବେ ବୈଜୟନ୍ତୀବାଳା ମହାନ୍ତି ଅନୁରୂପ ଭାବେ ନାମାଙ୍କନ ପତ୍ର ଅତିରିକ୍ତ ଜିଲାପାଳ(ନିର୍ବାଚନ) ରୋଜିନା ଦାଶଙ୍କ ପାଖରେ ଦାଖଲ କରିଛନ୍ତି । ସେହିପରି ଗତ ବୁଧବାର ରଣପୁର ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାର ସୁରମା ପାଢ଼ୀ ଓ ସିପିଆଇ(ଏମ) ପକ୍ଷରୁ ସରୋଜ କୁମାର ନାୟକ ରିଟର୍ଣ୍ଣିଂ ଅଫିସର ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

## ତ୍ରିପୁରାର ଫୋର୍ସଙ୍କ ଦ୍ୱାରା ଫ୍ଲାଗମାର୍ଚ୍ଚ

**ନୟାଗଡ଼,୨।୫(ଲୋକନାଥ ମିଶ୍ର)**

ଇଟାମାଟି ଥାନା ପୋଲିସ ପକ୍ଷରୁ ନାଟୁଗାଁ ଓ ଇଟାମାଟିରେ ଫାଗ୍‌ମାର୍ଚ୍ଚ କରାଯାଇଛି। ସେହିପର ଗାଁ ଗଣ୍ଡଗୋଳ ପାଇଁ ଉତ୍ତେଜନା ଦେଖାଦେଇଥିବା ବଉଳସାହିରେ ମଧ୍ୟ ଅନୁରୂପ ଭାବେ ଫ୍ଲାଗ୍ ମାର୍ଚ୍ଚ ହୋଇଛି। ଫ୍ଲାଗ ମାର୍ଚ୍ଚରେ ତ୍ରିପୁରାର ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଫ୍ଲାଗ୍‌ମାର୍ଚ୍ଚରେ ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ ନେତୃତ୍ୱ ନେଇଥିଲେ।

## ବାଇକ୍ ସହ ୬୦ ଲିଟର ଦେଶୀ ମଦ ଜବତ

**ନୟାଗଡ଼,୨।୫(ଲୋକନାଥ ମିଶ୍ର)**

ନୟାଗଡ଼ ଅବକାରୀ ବିଭାଗ ପକ୍ଷରୁ ଶରଣକୁଳ ଥାନାର ଗୋଲଗାଁ ଉପରେ ଚଢ଼ାଉ କରାଯାଇ ବାଇକ୍ (ନଂ.ଓଡି୨୫ ବି ୫୦୬୨) ସହ ୬୦ ଲିଟର ଦେଶୀ ମଦ ଜବତ କରାଯାଇଛି। ବେଆଇନ ଭାବେ ଦେଶୀ ମଦ ବିକ୍ରି ଅଭିଯୋଗରେ ଅବକାରୀ ବିଭାଗ ପକ୍ଷରୁ ଗୋଲଗାଁର କିଶୋର ମଣ୍ଡଳ(୪୬)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ କିଶୋରଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ବୋଲି ଅବକାରୀ ଏସ୍‌ଆଇ ଦୀପକ ଜେନା ସୂଚନା ଦେଇଛନ୍ତି।

# ରାସ୍ତା ଉପରେ ପରିବା ବ୍ୟବସାୟ

**ଟ୍ରାଫିକ ସମସ୍ୟା ଯୋଗୁ ପଥଚାରୀ ହୀନସ୍ତା**

**ଖଣ୍ଡପଡ଼ା,୨।୫**
**(ଅଜୟ କୁମାର ମହାରଣା)**



ରାଜ୍ୟରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ କଣ୍ଟିଲୋର ଶ୍ରୀ ନୀଳମାଧବ କ୍ଷେତ୍ର ମାନ୍ୟତା ପାଇଛି। ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ନୀଳମାଧବ ଜୀଉଙ୍କ ଦର୍ଶନରେ ଆସୁଥିବା ବେଳେ ସ୍ଥାନୀୟ ତଥା କଣ୍ଟିଲୋ ଆଖପାଖ ଅଞ୍ଚଳର ଲୋକମାନେ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସିଥାଆନ୍ତି। ତେବେ କଣ୍ଟିଲୋରେ ବିଭିନ୍ନ ପନିପରିବା, ମାଛ, ମାଂସ ବେପାରୀମାନଙ୍କ ପାଇଁ ଏଠାରେ ସ୍ଥାୟୀ ବିପଣୀ ଗୃହ ନ ଥିବାରୁ ସଂପୃକ୍ତ ବ୍ୟବସାୟୀ ମୁଖ୍ୟ ଛକ ଓ ରାସ୍ତା କଡରେ ସେମାନଙ୍କ ପସରା ମେଲାଇ ବସୁଛନ୍ତି। ଏଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଛି।

୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତ ଓ ଏହାର ଆଖପାଖ ବାଣପୁର, ପଥରଚକଡା, ଧାନଚେଙ୍ଗଡା, ସିଧାମୂଳା ଆଦି ଅଞ୍ଚଳର ଲୋକମାନେ ଦୈନିକ ପନିପରିବା ଓ ମାଛ ମାଂସର ଆବଶ୍ୟକତା ପାଇଁ କଣ୍ଟିଲୋ ପରିବା, ମାଛ ମାଂସ ବେପାରୀଙ୍କ ଉପରେ ନିର୍ଭର କରିଥାଆନ୍ତି। ଏ ସବୁ ଅଞ୍ଚଳର ଲୋକମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରତ୍ୟେହ ବାଣପୁର, ଧାନଚେଙ୍ଗଡା, ପଥରଚକଡା, ମହାନଦୀର ଅପରପାର୍ଶ୍ୱ ଏକଡାଳ, ନରସିଂହପୁର, ମାନପୁର, ବାଘେଡିଆ ଓ କାନପୁର ଆଦି ଅଞ୍ଚଳର ଚାଷୀମାନେ ବାଡ଼ିବଗିଚାରୁ ଉତ୍ପାଦିତ ପନିପରିବା ସହିତ ମାଛ ମାଂସ ବେପାରୀମାନେ ପ୍ରତ୍ୟେହ କଣ୍ଟିଲୋକୁ ଆସି ସେମାନଙ୍କ ବେପାର କରିଥାଆନ୍ତି। ତେବେ କଣ୍ଟିଲୋ ଅଞ୍ଚଳରେ ଏମାନଙ୍କ ପାଇଁ କୌଣସି ସ୍ଥାୟୀ ଦୋକାନ ଗୃହ ନ ଥିବାରୁ ସଂପୃକ୍ତ ବେପାରୀମାନେ କଣ୍ଟିଲୋ ଯାତ୍ରାପଦା ବଜାର ଛକ ରାସ୍ତା ଏବଂ ଚନ୍ଦନ ପୋଖରୀ ପାର୍ଶ୍ୱରେ ସେମାନଙ୍କ ପସରା ମେଲାଇଛନ୍ତି। ବିଶେଷ କରି ସଂପୃକ୍ତ ବେପାରୀମାନେ ସକାଳୁ ସଞ୍ଜ ଯାଏ ଖୋଲାମେଲାରେ ରାସ୍ତାପାର୍ଶ୍ୱରେ ବସି ଯେପରି ଭାବେ ବ୍ୟବସାୟ କରୁଛନ୍ତି ତାହା ଅସହ୍ୟ ହେଉଛି। କେବଳ ପରିବା ବେପାରୀ କାହିଁକି, ଗ୍ରାହକମାନେ ମଧ୍ୟ ବର୍ଷା ଖରାରେ ପରିବା କ୍ରୟ କରିବା ବେଳେ ଅନୁରୂପ କଷ୍ଟ ପାଇଥାଆନ୍ତି। ମୁଣ୍ଡ ଉପରେ ପଲିଥିନ ଖଣ୍ଡେ ଟାଣିବା ପାଇଁ ଜାଗା ନ ଥିବା ବେଳେ ରାସ୍ତାକୁ ଅବରୋଧ କରି ଛତା ଟେକି ମଧ୍ୟ ବେପାର କରୁଥିବାରୁ ରାସ୍ତା ସଙ୍କୁଚିତ ହୋଇପଡୁଛି। ଖରାରେ ପରିବା ଓ ମାଛ ମାଂସ ବେପାରୀଙ୍କ ସହିତ ଗ୍ରାହକମାନେ ଯେପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତା'ଠାରୁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଥଚାରୀ ଓ ବଜାର ନିକଟସ୍ଥ ଖୁଦବେହେରା ପାଟଣା, କୃଷ୍ଣେଶ୍ୱରପାଟଣା, କଂସାରୀ ସାହି ପାଟଣାର ଅଧିବାସୀ। ବିଶେଷ କରି ଝିଅ ବୋହୂମାନେ ବି ହଇରାଣ ହେଉଛନ୍ତି। ପ୍ରତ୍ୟେହ ନିକଟସ୍ଥ ମହାନଦୀକୁ ସ୍ନାନ ଶୌଚାଦି ପାଇଁ ଏହି ଜନଗହଳି ବଜାର ଛକ ଦେଇ ମହିଳାମାନେ ଯିବା ସମୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ଏହାଛଡା ଭୁବନେଶ୍ୱର, ନୟାଗଡ଼, ଦଶପଲ୍ଲା ଓ ଗଣିଆରୁ ଯାତାୟତ କରୁଥିବା ଯାନବାହାନ ଓ ଯାତ୍ରୀବାହୀ ବସ୍‌ଗୁଡ଼ିକ ଏହି ମୁଖ୍ୟରାସ୍ତା ଉପରେ ଗହଳି ଯୋଗୁ ଅଟକି ରହିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଜରୁରୀକାଳୀନ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

# ଖଣ୍ଡପଡ଼ାରେ କାଳବୈଶାଖୀ



**ଶତାଧିକ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା**

**ଖଣ୍ଡପଡ଼ା,୨।୫ (ଶଜୟ କୁମାର ମହାରଣା)**

ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ ଯୋଗୁ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଜଗନ୍ନାଥପ୍ରସାଦ, ଶିଖରପୁର ଆଦି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାସ୍ତା କଡ଼ରେ ଥିବା ଶତାଧିକ ବଡ ଗଛର ଡ଼ାଳ ଭାଙ୍ଗି ପଡିବା ଯୋଗୁଁ ଅନେକ କଚା ଘର ଭାଙ୍ଗି ନଷ୍ଟ ହୋଇଛି। ସେହିପରି ୧୧କେଭି ଓ ଏଲଟି ଲାଇନ ବିଦ୍ୟୁତ ଖୁଣ୍ଟି ଭାଙ୍ଗିପଡିଛି। ଏଥିପାଇଁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ବିଦ୍ୟୁତ ବିତରକ କମ୍ପାନୀ ଖଣ୍ଡପଡ଼ା ସେକ୍ସନ କନିଷ୍ଠ ଯନ୍ତ୍ରୀ ଇଂ.ଆଦିତ୍ୟ କୁମାର ଦାଶଙ୍କ ସୂଚନା କ୍ରମେ ଭଗବାନପୁର, ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧୀନ ମହୁଲପଡା, ପାଟଚଣ୍ଡୀ ପ୍ରସାଦ, ଦରଦା, ଲୁଣିଆଉଟି, ବୋରଗାଁ ଆଦି ଅଞ୍ଚଳରେ ବଡ ଗଛ ଭାଙ୍ଗି ପଡିବା ସହ ପ୍ରାୟ ୧୫ଟି ବିଦ୍ୟୁତ ଖୁଣ୍ଟି ଭାଙ୍ଗି ପଡି ବିଦ୍ୟୁତ ସରବରାହ ବନ୍ଦ ରହିଛି। ସେଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଉଛି ବୋଲି ସେ କହିଛନ୍ତି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୦୦ **ବିଜ୍ଞାପନ** ତା:୨୫।୦୪।୨୦୨୪

No. CAD-୫୨: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ⁄ବିମଳେନ୍ଦୁ ରାୟ ପିତା: ⁄ନରେନ୍ଦ୍ରନାଥ ରାୟ ସା/ପୋ: ୭୬, ଏ ଇବ୍ରାହିମପୁର ରୋଡ଼ ଜିଲ୍ଲା: କଲିକତା–୩୨ (ପଶ୍ଚିମବଙ୍ଗ) | ଫ୍ଲାଟ ନଂ.–ବି–୫୦୨ ବ୍ଲକ ନଂ. – ୩, F-B-502 ତୋଷାଳୀ ଆପାର୍ଟମେଣ୍ଟ ସତ୍ୟନଗର ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା | ୧. ମାଳା ରାୟ – ସ୍ତ୍ରୀ<br>୨. ବୁଦ୍ଧାଦିତ୍ୟ ରାୟ – ପୁତ୍ର<br>୩. ବପଦିତ୍ୟ ରାୟ – ପୁତ୍ର |

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0080/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା


# କୈବର୍ତ୍ତ ସମାଜର ସାଧାରଣ ଅଧିବେଶନ

**ଖଣ୍ଡପଡ଼ା,୨।୫(ଅଜୟ କୁମାର ମହାରଣା)**

କୈବର୍ତ୍ତ ସମାଜ ଖଣ୍ଡପଡ଼ା ରାଜ୍ୟର ୩୭ତମ ସାଧାରଣ ଅଧିବେଶନ ବୁଧବାର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବନମାଳୀପୁର ପଞ୍ଚଦୋଳ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବନମାଳୀପୁର, ବାରବାଟୀ ବଡସହରା ବାଲିଆପଟା ଥାନ ଭାଇମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବନମାଳୀ ଦ୍ୱାରି ଅଧ୍ୟକ୍ଷତା କରିଥିଲେ। ୧୦ ଜଣ ଜୋନ୍ ସଭ୍ୟଙ୍କ ଉପସ୍ଥିତିରେ ସଭାପତି ଉକ୍ତ ସମାବେଶକୁ ଉଦ୍‌ଘାଟନ କରିଥିଲେ। ବିଗତ ୧ ବର୍ଷ ମଧ୍ୟରେ ପରଲୋକ ଗତ ଦିବଂଗତ ଜାତିଭାଇ ଓ କର୍ମକର୍ତ୍ତାମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠାନର ସଭାପତି ଦ୍ୱାରିଙ୍କ ସମେତ ସୁନ୍ଦର ବେହେରା, ସନ୍ତୋଷ କୁମାର ବେହେରା, ସମ୍ପାଦକ ନବ କିଶୋର ବେହେରା, ସହ ସମ୍ପାଦକ ଶରତ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ବେହେରା, ଶିକ୍ଷା କମିଟି ଅଧ୍ୟକ୍ଷ ଜଗମୋହନ ବେହେରା, ସଭ୍ୟ ସୁଶାନ୍ତ କୁମାର ବେହେରା , ମିଡିଆସେଲ ଅଧ୍ୟକ୍ଷ ସଞ୍ଜୟ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ନବ କିଶୋର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୦ଜଣ ଆଦର୍ଶ ଥାନପତି, ୫ଜଣ ଜୋନ୍ ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୩ରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସାପତ୍ର ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ସଭାପତି ଦ୍ୱାରି ଜାତିର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପରାମର୍ଶ ଦେଇଥିବା ବେଳେ ଆସନ୍ତା ୫ ତାରିଖରେ କଟକ ଜିଲା ନରସିଂହପୁର ରାଜ୍ୟର ବାଘଧରିଆ ଗ୍ରାମରେ ତ୍ରୟୋଦଶ ରାଜ୍ୟର ୧୯ତମ ସାଧାରଣ ସଭା ଆୟୋଜନ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। କୈବର୍ତ୍ତ ସମାଜର ବିଜେ ଆରାଧ୍ୟ ଦେବୀ ମା' ବାଶୁଳୀ ଠାକୁରାଣୀଙ୍କ ନିକଟରେ ଟୀକା ଲାଗି କରାଯାଇ ସମାଜର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଚଳିତ ବର୍ଷ ପାଇଁ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ବୃନ୍ଦାବନ ଦାସ, ଉପ ସଭାପତି ଯୁଧିଷ୍ଠିର ବେହେରା, ସମ୍ପାଦକ ନବ କିଶୋର ବେହେରା, ସହ ସମ୍ପାଦକ ଶରତ କୁମାର ଦାସ, କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଥିଲା।



ସାଧାରଣ ଅଧିବେଶନରେ ଯୋଗଦେଇଥିବା କୈବର୍ତ୍ତ ସମାଜର କର୍ମକର୍ତ୍ତା।


No.XXXIII-01

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

**ନୋଟିସ**

ଆଦେଶ–୫ ନିୟମ–୨୦ ଦେୱାନୀ କାର୍ଯ୍ୟ ବିଧି ସଂହିତା–୧୯୦୮ ଅନୁଯାୟୀ
ଭୂମି ଅଧିଗ୍ରହଣ ଅଧିକାରୀ, ତଥା କଲେକ୍ଟର, ଖୋର୍ଦ୍ଧା ................ ଆବେଦନକାରୀ
ବନାମ
ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିରୋଧୀ ପକ୍ଷମାନେ

| | | |
|---|---|---|
| ୧. | ପ୍ରମିଳା ବାଳା ମହାପାତ୍ର, ସ୍ୱା– କାଶୀନାଥ ମହାପାତ୍ର | ଏଲଏ କେସ୍ ନଂ. – ୧୭୪/୧୯ |
| ୨. | ରଂଜନ ମହାପାତ୍ର | ଖାତା ନଂ.– ୫୨୬/୬୭୯ |
| ୩. | ରମଣ ମହାପାତ୍ର, ପିତା– କାଶୀନାଥ ମହାପାତ୍ର, ସା– ପ୍ଲଟ୍ ନଂ. – ୫୪, କେଶୁରା, ବାଙ୍କୁଆଳ, ଭୁବନେଶ୍ୱର–୭୫୧୦୦୨ | ପ୍ଲଟ ନଂ. – ୩୪୦/୨୩୪୩/ ୨୯୯୪ ରକବା ଏ୦.୧୦୮ ଡି ମୌଜା – ମୁକୁନ୍ଦପ୍ରସାଦ |
| ୧. | ସୁଲୋଚନା ବେହେରା, ସ୍ୱା– ଡମ୍ବରୁଧର ବେହେରା | ଏଲଏ କେସ୍ ନଂ.– ୧୦୮/୧୯ ଖାତା ନଂ.– ୫୨୬/୭୭୫ |
| ୨. | ରଜନୀକାନ୍ତ ବେହେରା | ପ୍ଲଟ୍ ନଂ. ୩୪୦/୨୩୪୩/୩୧୦୬ |
| ୩. | ରୀତାରାଣୀ ବେହେରା, ପିତା– ଡମ୍ବରୁଧର ବେହେରା, ସା./ପୋ– ଦଳେଇପ୍ଲଟ, ଜିଲ୍ଲା– ଖୋର୍ଦ୍ଧା – ୭୫୨୦୫୬ | ରକବା ଏ୦.୨୦୦ ଡି ମୌଜା – ମୁକୁନ୍ଦପ୍ରସାଦ |

............ ଓ ଅନ୍ୟ ବିରୋଧୀ ପକ୍ଷମାନେ

ଉକ୍ତ ସମସ୍ତ ଭୂମି ଅଧିଗ୍ରହଣ କେସ୍‌ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିରୋଧୀ ପକ୍ଷ ଉପରୋକ୍ତ ସାରଣୀ ମୁତାବକ ଏବଂ ଅଧିଗୃହୀତ ହୋଇଥିବା ଭୂ-ସମ୍ପତ୍ତି ମୌଜା- ମୁକୁନ୍ଦ ପ୍ରସାଦ ଥା/ଜି. ଖୋର୍ଦ୍ଧାଠାରେ ଅବସ୍ଥିତ।

ଏହି ସମସ୍ତ ଭୂମି ଅଧିଗ୍ରହଣ କେସ୍‌ର ୪ ରୁ ୮୯ ବିରୋଧୀ ପକ୍ଷ ନିମ୍ନୋକ୍ତ ମୁତାବକ ସମାନ ଯଥା– ୪. ବିଚି ନାଏକ, ସ୍ୱା– ପ୍ରଭାକର ନାଏକ ୫. ତୋଫାନ ନାଏକ, ୬. ସୁଦର୍ଶନ ନାଏକ, ପିତା– ପ୍ରଭାକର ନାଏକ, ୭. ଟିକେଇ ନାଏକ, ସ୍ୱା– ମନୁ ନାଏକ, ୮. ପ୍ରତିମା ନାଏକ, ୯. ଦ୍ରୌପଦୀ ନାଏକ, ୧୦. ଚନ୍ଦ୍ରକାନ୍ତୀ ନାଏକ, ପିତା– ମନୁ ନାଏକ, ୧୧. ଟିଟୁ ନାଏକ, ୧୨. ଶାନ୍ତି ନାଏକ, ପିତା– କୈଳାଶ ନାଏକ, ୧୩. ଡମ୍ବରୁ ନାଏକ, ୧୪. ବଲହ୍ ନାଏକ, ୧୫. ନିରୁ ନାଏକ, ପିତା– ନାଥ ନାଏକ, ୧୬. ବସନ୍ତ ନାଏକ, ପିତା– ଚରଣ ନାଏକ, ୧୭. ବିନି ନାଏକ, ପିତା– ନବୀନ ନାଏକ, ସ୍ୱା– କାହ୍ନୁ ନାଏକ, ୧୮. ରମ୍ଭା ନାଏକ, ସ୍ୱା– ଉଲ୍ଲାସ ନାଏକ, ୧୯. ରମା ନାଏକ, ସ୍ୱା– ରାଘବ ନାଏକ, ୨୦. ସନ୍ଧ୍ୟାରାଣୀ ନାଏକ, ପିତା– ରାଘବ ନାଏକ, ୨୧. କିଶନ ନାଏକ, ମା– ସାବି ନାଏକ, ୨୨. ଭବେନୀ ନାଏକ, ପିତା– ବାଇ ନାଏକ, ୨୩. ଗୋକୁଳ ନାଏକ, ପିତା– ସନେଇ ନାଏକ, ୨୪. ସୁରେନ୍ଦ୍ର ନାଏକ, ୨୫. ପ୍ରଭାତୀ ନାଏକ, ପିତା– ରାମ ନାଏକ, ୨୬. ଲଖିଆ ନାଏକ, ୨୭. ପବନି ନାଏକ, ପିତା– ସୁକଦେବ ନାଏକ, ୨୮. ଆନନ୍ଦ ନାଏକ, ପିତା– ବାଙ୍କ ନାଏକ, ୨୯. ଭାନୁ ନାଏକ, ୩୦. ଅନୁ ନାଏକ, ୩୧. ତନୁ ନାଏକ, ୩୨. ନିଲୁ ନାଏକ, ୩୩. ମିନୁ ନାଏକ, ପିତା– ବାଙ୍କ ନାଏକ, ୩୪. ଟୁଲୁ ନାଏକ, ୩୫. ସିଲୁ ନାଏକ, ପିତା– କାହ୍ନୁ ନାଏକ, ୩୬. ମଣି ନାଏକ, ସ୍ୱାମୀ – ବୁଲୁ ନାଏକ, ୩୭. ରୁଦ୍ର ନାଏକ, ପିତା– ବୁଲୁ ନାଏକ, ୩୮. ରବି ନାଏକ, ୩୯. ଦମୟନ୍ତୀ ନାଏକ, ପିତା– ବୃନ୍ଦାବନ ନାଏକ, ୪୦. ସଂଜୁ ନାଏକ, ସ୍ୱାମୀ– ଗେଡୁ ନାଏକ, ୪୧. ଆଲୋକ ନାଏକ, ୪୨. ପୁଷ୍ପା ନାଏକ, ପିତା– ଗେଡୁ ନାଏକ, ୪୩. କାଞ୍ଚନ ନାଏକ, ୪୪. ତଇ ନାଏକ, ପିତା– ବୀର ନାଏକ, ୪୫. ବାବୁଲି ନାଏକ, ୪୬. ସଚୀ ନାଏକ, ୪୭. ବିଚ୍ଛି ନାଏକ, ୪୮. ପ୍ରମିଳା ନାଏକ, ପିତା– ବୁଲା ନାଏକ, ୪୯. ସୁବାସ ନାଏକ, ପି– ନରି ନାଏକ, ୫୦. ନିରଞ୍ଜନ ନାଏକ, ୫୧. ତ୍ରିଲୋଚନ ନାଏକ, ୫୨. ଅଜି ନାଏକ, ୫୩. ସରଜୁ ନାଏକ, ୫୪. ବିଜୁ ନାଏକ, ୫୫. ସଂଜୁ ନାଏକ, ପିତା – ଅପି ନାଏକ, ୫୬. କଣ୍ଡିଆ ନାଏକ, ମା– ମଥୁରା ନାଏକ, ୫୭. ଭ୍ରମର ଦିହୁଡ଼ି, ୫୮. ଶଶି ଦିହୁଡ଼ି, ୫୯. ଅଶି ଦିହୁଡ଼ି, ପିତା– ଗତି ଦିହୁଡ଼ି, ୬୦. ସୁଦାମ ଦିହୁଡ଼ି. ୬୧. କାଳୀ ଦିହୁଡ଼ି, ୬୨. ବଳି ଦିହୁଡ଼ି, ପିତା– ନରି ଦିହୁଡ଼ି, ୬୩. ରମଣୀ ଦିହୁଡ଼ି, ସ୍ୱାମୀ– ଗୌରାଙ୍ଗ ଦିହୁଡ଼ି, ୬୪. କବି ଦିହୁଡ଼ି, ୬୫. ଜୟନ୍ତି ଦିହୁଡ଼ି, ପିତା– ଗୌରାଙ୍ଗ ଦିହୁଡ଼ି, ୬୬. ସରୁଆ ଦିହୁଡ଼ି, ୬୭. ପତି ଦିହୁଡ଼ି, ପିତା– ଗୋପି ଦିହୁଡ଼ି, ୬୮. ତ୍ରିଲୋଚନ ନାଏକ,ସ୍ତ୍ରୀ– ମଣ୍ଡେଇ ଦିହୁଡ଼ି, ୬୯. ପଇଞ୍ଛ ନାହାକ, ପିତା– ଶଙ୍କର ନାହାକ, ୭୦. ବେଙ୍ଗ ନାହାକ, ପିତା – କହର ନାହାକ, ୭୧. ରମେଶ ନାହାକ, ପିତା– ସାଧୁ ନାହାକ, ୭୨. କିଶନ ନାହାକ, ୭୩. ରଞ୍ଜନ ନାହାକ, ପିତା– ରତନୀ ନାହାକ, ୭୪. ଭାବେନୀ ନାହାକ, ସ୍ୱାମୀ– ମହର ନାହାକ, ୭୫. ବିଶ୍ୱନାଥ ନାହାକ, ୭୬. ଶାନ୍ତି ନାହାକ, ୭୭. ମାମି ନାହାକ, ୭୮. ରିଲି ନାହାକ, ପିତା– ମହର ନାହାକ, ୭୯. କୁସୁମ ପ୍ରଧାନ, ପିତା– କୁଞ୍ଜ ପ୍ରଧାନ, ୮୦. ଗୁରୁବାରୀ ପ୍ରଧାନ, ପିତା– ବସନ୍ତ ପ୍ରଧାନ, ୮୧. ବଳିଆ ପ୍ରଧାନ, ୮୨. ଥୁରିଆ ପ୍ରଧାନ, ପିତା– କୋକିଳ ପ୍ରଧାନ, ୮୩. ଧଡୁ ନାହାକ, ୮୪. ମାମି ନାହାକ, ପିତା– ରଘୁ ନାହାକ, ୮୫. ବିଚିତ୍ର ନାହାକ, ୮୬. ବିନ ନାହାକ, ପିତା– ଜଗା ନାହାକ, ୮୭. ଡ଼ାଳିମ୍ବ ନାହାକ, ସ୍ୱାମୀ– ଉପେନ୍ଦ୍ର ନାହାକ, ୮୮. ପ୍ରତାପ ନାହାକ, ପିତା– ଉପେନ୍ଦ୍ର ନାହାକ, ୮୯. ଟିକନ ନାହାକ, ପିତା– ଲକ୍ଷ୍ମୀଧର ନାହାକ, ସମସ୍ତଙ୍କର ଗ୍ରାମ– ମୁକୁନ୍ଦପ୍ରସାଦ, ପୋଷ୍ଟ– ପି.ଏନ୍. କଲେଜ, ଥାନା/ଜିଲ୍ଲା– ଖୋର୍ଦ୍ଧା ଅଟେ।

............... ନଂ. ୪ରୁ ନଂ. ୮୯ ବିରୋଧୀ ପକ୍ଷମାନେ

ଏତଦ୍ୱାରା ଜଣାଇଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣ ମକଦ୍ଦମା ଅନୁଯାୟୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ–ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.–୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଉପରୋକ୍ତ ସାରଣୀରେ ମକଦ୍ଦମା ନମ୍ବର ଅନୁଯାୟୀ ପ୍ରଦତ୍ତ ଅଛି। **ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବୀର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୧୪.୦୫.୨୦୨୪ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ। ଭୂ–ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା୨୭.୦୨.୨୦୨୪ରିଖ ।

ସ୍ୱାକ୍ଷର/– ପ୍ରିଜାଇଡିଂ ଅଫିସର
OIPR-24351/14/0002/2425 ଭୂ–ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ



**ପରାମର୍ଶଦାତା (ଭୂମି ଅଧିଗ୍ରହଣ) ଏବଂ ପରାମର୍ଶଦାତା (ଜଙ୍ଗଲ ଓ ବନ୍ୟପ୍ରାଣୀ ମଞ୍ଜୁରୀ)ଙ୍କ ନିୟୋଜନ**

ନଂ:ଏସ୍‌ଇଆର୍/ସିଏନ୍./ଏଚ୍‌କ୍ୟୁ/ଇଏସ୍‌ଟିଟି./୫୦/ରି-ଏନ୍‌ଗେଜମେଣ୍ଟ/ଲ୍ୟାଣ୍ଡ ଆଣ୍ଡ ଫରେଷ୍ଟ ତାରିଖ: ୦୧।୦୫।୨୦୨୪

ଦକ୍ଷିଣ ପୂର୍ବ ରେଳପଥ, ଭାରତ ସରକାର, ନିର୍ମାଣ ସଂଗଠନ, ରେଳ ମନ୍ତ୍ରଣାଳୟ ନିମ୍ନୋକ୍ତ ଯେକୌଣସି ସ୍ଥାନ ଅର୍ଥାତ୍ ଦକ୍ଷିଣ ପୂର୍ବ ରେଳପଥରେ ନିର୍ମାଣ ସଂଗଠନ ଅଧୀନରେ ନିମ୍ନଲିଖିତ ସ୍ଥାନରେ **(ରାଞ୍ଚି, ଝାରସୁଗୁଡ଼ା, ରାଉରକେଲା, ଆଦ୍ରା, ଖଡ଼ଗପୁର, ବାଲେଶ୍ୱର, ଟାଟାନଗର) ନିମନ୍ତେ ୦୪ (ଚାରି) ଗୋଟି ପରାମର୍ଶଦାତା (ଭୂମି ଅଧିଗ୍ରହଣ) ଏବଂ ୦୩ (ତିନି) ଗୋଟି ପରାମର୍ଶଦାତା (ଜଙ୍ଗଲ ଓ ବନ୍ୟପ୍ରାଣୀ ମଞ୍ଜୁରୀ)** ପଦବୀକୁ ପୂରଣ କରିବା ପାଇଁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଅବସରପ୍ରାପ୍ତ ରାଜ୍ୟ ସରକାରୀ ଅଧିକାରୀମାନଙ୍କଠାରୁ ପୁନଃନିୟୋଜନ ପାଇଁ ଦରଖାସ୍ତ ଆହ୍ୱାନ କରୁଛି, ଯାହା ନିୟମ ଓ ସର୍ତ୍ତାବଳୀର ପୂରଣ, ଚୁକ୍ତିମୂଳକ ପାରିଶ୍ରମିକ ଏବଂ ଯୋଗ୍ୟତା ଉପରେ ନିର୍ଭର କରିବ। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଭୂ-ରାଜସ୍ୱ ବିଭାଗରେ କାର୍ଯ୍ୟ ଅଭିଜ୍ଞତା ସହିତ ଅବସର ଗ୍ରହଣ କରିଥିବା ରାଜ୍ୟ ଅଧିକାରୀମାନେ ସମ୍ପୃକ୍ତ ପଦବୀଗୁଡ଼ିକ ପାଇଁ ଆବେଦନ କରିବେ ଏବଂ ଝାଡ଼ଖଣ୍ଡ ଓ ଓଡ଼ିଶାର ଜଙ୍ଗଲ ବିଭାଗରେ କାର୍ଯ୍ୟ ଅଭିଜ୍ଞତା ସହିତ ଅବସର ଗ୍ରହଣ କରିଥିବା ରାଜ୍ୟ ସରକାରୀ ଅଧିକାରୀମାନେ ସମ୍ପୃକ୍ତ ପଦବୀଗୁଡ଼ିକ ପାଇଁ ଆବେଦନ କରିବେ। ଖାଲିପଦବୀ ସମ୍ବନ୍ଧୀୟ ଅଧିସୂଚନା ସହିତ ନମୁନା ଆବେଦନ ପତ୍ର ତଥା ନିୟମ ଓ ସର୍ତ୍ତାବଳୀ ଓ ଯୋଗ୍ୟତା ଇତ୍ୟାଦି ଦକ୍ଷିଣ ପୂର୍ବ ରେଳପଥର ୱେବ୍‌ସାଇଟ୍‌ରେ ଉପଲବ୍ଧ (www.ser.indianrailways.gov.in – ନ୍ୟୁଜ୍ ଆଣ୍ଡ ଅପଡେଟ୍ସ)। ଦରଖାସ୍ତଗୁଡ଼ିକୁ ବରିଷ୍ଠ କାର୍ମିକ ଅଧିକାରୀ (ନିର୍ମାଣ), ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ଠିକଣାରେ ପଠାଯିବା ଆବଶ୍ୟକ। ଦରଖାସ୍ତଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ପ୍ରଶାସନିକ ଆବଶ୍ୟକତା ଏବଂ ପ୍ରଶାସନର ନିଷ୍ପତ୍ତି ଆଧାରରେ ଗ୍ରହଣ କରାଯିବ। ଦରଖାସ୍ତ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି **ତା୨୭।୦୫।୨୦୨୪ରିଖ।** ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗାପତ୍ର ଅଥବା ରଦ୍ଦକରଣ, ଯଦି ଥାଏ, ତାହାକୁ କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ। ଦୟାକରି ନିୟମିତ ଭାବେ ଆମର ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ।

(PR-107) ମୁଖ୍ୟ ପ୍ରଶାସନିକ ଅଧିକାରୀ (ସିଓଏନ୍), ଗାର୍ଡେନ୍ ରିଚ୍

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



ୟୂନିୟନ ବୈଂକ Union Bank of India | **କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**

**ସଂଶୋଧନ ପତ୍ର**

ତା.୨୯.୦୪.୨୦୨୪ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ ଦର୍ଶିତ ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ରାଶି ନିମ୍ନମତେ ସଂଶୋଧନ କରାଗଲା:

| କ୍ର. ନଂ. | ଶାଖା ନାମ | ଋଣଗ୍ରହୀତାଙ୍କ ନାମ | ସଂରକ୍ଷିତ ମୂଲ୍ୟ | ଅମାନତ ରାଶି | ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | କୋର୍ଟପେଟା | ଅଜିତ କୁମାର ପଣ୍ଡା | ଟ.୧୦,୯୮,୦୦୦/- | ଟ.୧,୧୦,୦୦୦/- | ଟ.୧୧,୦୦୦/- |
| ୨. | କୋର୍ଟପେଟା | ମେସର୍ସ ନବଜ୍ୟୋତି ପଲିପାଇପ୍ସ | ଟ.୨୦,୧୦,୦୦୦/- | ଟ.୨,୦୧,୦୦୦/- | ଟ.୨୧,୦୦୦/- |
| ୩. | କୋର୍ଟପେଟା | ଶ୍ରୀ ଅରୁଣ ଗୌଡ | ଟ.୧୦,୫୦,୦୦୦/- | ଟ.୧,୦୫,୦୦୦/- | ଟ.୧୦,୫୦୦/- |
| ୪. | ଛତ୍ରପୁର-୨ | ମେସର୍ସ ଅଜମେର କାସ୍ୟୁ ପ୍ରଡକ୍ଟସ୍ | ଟ.୪୧,୭୧,୫୦୦/- | ଟ.୪,୧୭,୨୦୦/- | ଟ.୪୨,୦୦୦/- |
| ୫. | କୋର୍ଟପେଟା | ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ | ଟ.୧୧,୭୨,୦୦୦/- | ଟ.୧,୧୭,୦୦୦/- | ଟ.୧୨,୦୦୦/- |
| ୬. | ଭାବିନିପୁର | ବି ଚନ୍ଦ୍ରେୟା | ଟ.୧୧,୭୨,୦୦୦/- | ଟ.୧,୧୬,୫୦୦/- | ଟ.୧୧,୭୦୦/- |

ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ।
ତା.୦୨.୦୫.୨୦୨୪ କ୍ଷମତାପ୍ରାପ୍ତ ଅଧିକାରୀ

# ପ୍ରାକୃତିକ ବିପର୍ଯ୍ୟୟ କ୍ଷତି ଆଶଙ୍କାରେ ଜିଲାବାସୀ

**କେନ୍ଦ୍ରାପଡ଼ା, ୨।୫ (ଜଗନ୍ନାଥ ଧଳ)**

- ୨୦ରୁ ୧୦ ଆଲର୍ଟ କେନ୍ଦ୍ରରେ ବାଜୁନି ସାଇରନ
- ବାତ୍ୟା ଆଶ୍ରୟସ୍ଥଳ ଅସୁରକ୍ଷିତ
- ମରାମତି ସରିନି ଦୁର୍ବଳ ନଦୀବନ୍ଧ



ସମୁଦ୍ର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ବୋଲି ରାଜ୍ୟ ଓ କେନ୍ଦ୍ର ସରକାର ଚିହ୍ନଟ କରିଛନ୍ତି। ଜିଲାକୁ ବନ୍ୟା, ବାତ୍ୟା ସହ ସୁନାମି ଆଶଙ୍କା ଅଛି। ଏପରିକି ସୁନାମି ପାଇଁ ଏହି ଜିଲାର ୬୪ ଗ୍ରାମ ବିପଦସଙ୍କୁଳ ବୋଲି ଚିହ୍ନଟ ହୋଇଛି। ସେହିପରି ପ୍ରତ୍ୟେକ ବର୍ଷ ସାମାନ୍ୟ ବନ୍ୟାରେ ଅନ୍ୟୁନ ୫୫ ଗ୍ରାମ ମଧ୍ୟକୁ ପାଣି ପଶୁଛି। ଅଧିକ ହେଲେ ଜିଲାର ଅର୍ଦ୍ଧାଧିକ ଗ୍ରାମର ଅଧିବାସୀ ହନ୍ତସନ୍ତ ହେଉଛନ୍ତି। ସାମୁଦ୍ରିକ ବାତ୍ୟାର ପ୍ରଭାବ ରହୁଛି। ଏଥିରେ ଧନ ଓ ଜୀବନ ସହ ପରିବେଶ ନଷ୍ଟ ହେଉଛି। ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ଏ ନେଇ ବୈଠକ କରୁଥିଲେ ମଧ୍ୟ ଅଦ୍ୟାବଧି ଦୁର୍ବଳ ନଦୀବନ୍ଧର ମରାମତି ସରିନାହିଁ। ବାତ୍ୟା ସମୟରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେଉଥିବା ବାତ୍ୟା ଆଶ୍ରୟସ୍ଥଳକୁ ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଯାଞ୍ଚ କରାଯାଇନାହିଁ। ବାତ୍ୟା ଆଶ୍ରୟସ୍ଥଳରେ ଥିବା ଉପକରଣର ତନଖି ହେଉ ନ ଥିବାରୁ ଅଧିକାଂଶ ଆପଦକାଳରେ ଉପଯୋଗୀ ହୋଇପାରୁନାହିଁ। ଏଥିସହ ଜିଲା ଉପାନ୍ତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ୨୦ଟି ଆଲର୍ଟ କେନ୍ଦ୍ର ମଧ୍ୟରୁ ୧୦ଟିରେ ସାଇରନ ବାଜୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି, ପରିବେଶବିତ୍ ହେମନ୍ତ କୁମାର ରାଉତ, ଶ୍ରୀକାନ୍ତ ନାୟକ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି ଯେ, ବାତ୍ୟା, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିବର୍ଷ ଜିଲାବାସୀ ଭୋଗୁ ଥିଲେ ମଧ୍ୟ ଏହାର ଆଶୁ ନିରାକରଣ ପ୍ରତି ରାଜନେତା ଓ ପ୍ରଶାସକ ଅଣଦେଖା କରି ଚାଲିଛନ୍ତି। ଲଘୁଚାପଜନିତ ସାମୁଦ୍ରିକ ଝଡ଼ ଭୟଙ୍କର ହେଲେ ଜିଲାରେ ବନ୍ୟାର ଆଶଙ୍କା ଦେଖାଦେଇଥାଏ। ଏହି ଜିଲାରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ଏକ ବଡ଼ ସମସ୍ୟା। ଏହାର ନିରାକରଣ ପାଇଁ କେନ୍ଦ୍ରାପଡ଼ା ଜଳସମ୍ପଦ ଡିଭିଜନ, ମହାନଦୀ ଡିଭିଜନ, ଚିତ୍ରୋତ୍ପଳା ଡିଭିଜନ, ଡ୍ରେନେଜ ଡିଭିଜନର ଅଧିକାରୀମାନେ ସତର୍କ ହେବା କଥା। ମେ ମାସ ପୂର୍ବରୁ ନଦୀବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ ସହ ମରାମତି ହେବା କଥା। ତେବେ ଅଦ୍ୟାବଧି ଜିଲାରେ ଥିବା ଦୁର୍ବଳ ନଦୀବନ୍ଧ ସମ୍ପୂର୍ଣ୍ଣ ମରାମତି ହୋଇ ନ ଥିବା ବେଳେ ସାମାନ୍ୟ ବନ୍ୟାରେ ତାହା ଭାଙ୍ଗିବା ଆଶଙ୍କା ଅଛି। ସେହିପରି ଜଳ ନିଷ୍କାସନ ପଥ ପରିଷ୍କାର ପାଇଁ ଅଦ୍ୟାବଧି ଉଦ୍ୟମ ହୋଇନାହିଁ। ବାତ୍ୟାର ବେଗ ଅଧିକ ହେଲେ ସାମୁଦ୍ରିକ ତଟକ୍ଷୟ ସହ ଜଙ୍ଗଲ ଉପରେ ପ୍ରଭାବ ପକାଇବ। ୨୦୧୮ରେ ତିତ୍‌ଲି, ୨୦୧୯ରେ ଫନି, ୨୦୨୦ରେ ଅମ୍ଫାନ, ୨୦୨୧ରେ ୟାସ୍, ଗୁଲାବ, ସାହୀନ, ୨୦୨୨ରେ ଅସନୀ, ୨୦୨୩ରେ ମୋଚା ଆଦି ସାମୁଦ୍ରିକ ବାତ୍ୟା ଏହାର ଉଦାହରଣ ସାଜିଛି। ଏହି ସାମୁଦ୍ରିକ ଝଡ଼ ସମୟରେ ଜିଲାର ଉପାନ୍ତ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରିବାକୁ ପଡିଛି। ଜଙ୍ଗଲ ଜମି ଜବରଦଖଲ, ଚିଙ୍ଗୁଡି ଘେରି ନିର୍ମାଣ ଆଦି ସମସ୍ୟାକୁ ରାଜନେତା ଓ ପ୍ରଶାସକ ସର୍ବଦା ଉପେକ୍ଷା କରି ଚାଲିଛନ୍ତି। ବନ୍ୟା, ବାତ୍ୟା, ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଲର୍ଟ କେନ୍ଦ୍ରରୁ ସାଇରନ ଦ୍ୱାରା ସତର୍କ କରାଯାଇଥାଏ। ତେବେ ଗତ ୟାସ୍ ସାମୁଦ୍ରିକ ଝଡ଼ ସମୟରେ ରାଜନଗରର ୧୧ଟି ଓ ମହାକାଳପଡ଼ାର ୯ଟି କେନ୍ଦ୍ର ମଧ୍ୟରୁ ରଟପଙ୍ଗା, ନରସିଂହପୁର, ଜମ୍ବୁ, ତନ୍ତିଆପାଳ, ଏଣ୍ଟୁଳାପୁର, କଇଥା, ଚିଞ୍ଚିରି, ପେଣ୍ଠ, ବ୍ରାହ୍ମଣଶାସନ ଓ କନ୍ଦରାପାଟିଆ ବ୍ୟତୀତ ଅନ୍ୟ ୧୦ଟିରେ ସାଇରନ ବାଜି ନ ଥିଲା। ଏଠାରେ ସିଷ୍ଟମ ସବୁ ଅକାମୀ ହୋଇଯାଇଛି। ସେହିପରି ଜିଲାର ବାତ୍ୟା ଆଶ୍ରୟସ୍ଥଳ ଅସୁରକ୍ଷିତ ହୋଇଥିବା ବେଳେ ଉପକରଣ ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ସମ୍ଭାବ୍ୟ ସାମୁଦ୍ରିକ ଝଡର ସମ୍ମୁଖୀନ ପାଇଁ ଜିଲା ପ୍ରଶାସନ ସର୍ବଦା ପ୍ରାକ୍ ପ୍ରସ୍ତୁତିରେ ରହିଥାନ୍ତି। ଏଥିପାଇଁ ଜିଲାରେ ବଡ଼ ଧରଣର କ୍ଷତିକୁ ଆଡେଇ ଦିଆଯାଇ ପାରୁଛି। ଏପରି ବିପର୍ଯ୍ୟୟ ସମୟରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର ନିରୀକ୍ଷଣ ସହ ସ୍ଥାନାନ୍ତର, ଗମନାଗମନ, ସ୍ୱାସ୍ଥ୍ୟ ସେବା ଆଦିକୁ ଗୁରୁତ୍ୱ ଦିଆଯାଇଥାଏ ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭାସ୍କର



@ ସାଗର



@ ଟାର୍ଗିସ



@ ଉମାଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଂଗ୍ରେସ ସାଂସଦ, ବିଧାୟକ ପ୍ରାର୍ଥୀଙ୍କ ମିଳିତ ରୋଡ଼ ଶୋ'



ପଟ୍ଟାମୁଣ୍ଡାଇରେ ଲୋକସଭା ବିଜେଡି ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ, ବିଧାୟକ ପ୍ରାର୍ଥୀ ଅଶୋକ ପ୍ରତିହାରୀ ରୋଡ ଶୋ'ରେ ଯାଉଛନ୍ତି।

**ପଟ୍ଟାମୁଣ୍ଡାଇ, ୨।୫ (ଅକ୍ଷୟ ବିଶ୍ୱାଳ/କଳ୍ପତରୁ ନାୟକ)**

**ରାଜନଗର ନିର୍ବାଚନମଣ୍ଡଳୀ**

କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବୁଧବାର କଂଗ୍ରେସ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରି ନିଜର ଉପସ୍ଥିତି ଜାହିର କରିବା ସହ ଦମ ଦେଖାଇଛି। ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଶୋଭାଯାତ୍ରା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ, ରାଜନଗରର ବିଧାୟକ ପ୍ରାର୍ଥୀ ଅଶୋକ ପ୍ରତିହାରୀ ରୋଡ ଶୋ' କରିବା ସହ ପଟ୍ଟାମୁଣ୍ଡାଇ ବ୍ଲକ ଏବଂ ମ୍ୟୁନିସିପାଲିଟିରେ ଥିବା ବିଭିନ୍ନ ମନ୍ଦିର ଯାଇ ଦେବଦେବୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ସରକାର ଓ ଶାସକ ଦଳକୁ ଟାର୍ଗେଟ କରିବା ସହ ବିଭିନ୍ନ ମୌଳିକ ସମସ୍ୟା ଓ ଏହାର ସମାଧାନ ଦିଗରେ ସେମାନଙ୍କର ଥିବା ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ସେହିପରି ରାଜନଗର ନିର୍ବାଚନମଣ୍ଡଳୀର ରାଜନଗର ବ୍ଲକରେ ଦୀର୍ଘ ୩ ଦଶନ୍ଧି ଧରି ଦବଦବା ରଖିଥିବା ବିଜେଡିର ଉପକୂଳ ନେତା ତଥା ଜିଲା ପରିଷଦର ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସ ତାଙ୍କୁ ବିଧାୟକ ପ୍ରାର୍ଥୀ କରିବା ପରେ ରାଜନଗର ନିର୍ବାଚନମଣ୍ଡଳୀରେ ଶାସକ ଦଳ ସହ ଜୋରଦାର ଲଢେଇ ଆଶା କରାଯାଉଛି। ପ୍ରାଥମିକତା ଭିତ୍ତିରେ ସେ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରୟାସ ଆରମ୍ଭ କରିବେ ବୋଲି କହିଛନ୍ତି। ତାହା ସହିତ ସ୍ଥାନୀୟ ଅଞ୍ଚଳର କୃଷକ, ମତ୍ସ୍ୟଜୀବୀ ଓ ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି ଦିଗରେ କାମ କରିବାକୁ ଲକ୍ଷ୍ୟ ରଖିଥିବା ଅଶୋକ କହିଛନ୍ତି। ଏହି ଶୋଭାଯାତ୍ରାରେ ଜିଲା ଓବିସି ସଭାପତି ମଳୟ ଦାସ, ଜିଲା ଛାତ୍ର କଂଗ୍ରେସ ସଭାପତି ବିଭୁ ପ୍ରସାଦ ଜେନା, ଜିଲା ଅନୁସୂଚିତ ବିଭାଗ ସଭାପତି ସର୍ବେଶ୍ୱର ସେଠୀ, ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାଶ, ଅଜୟ ବାଇ, ତପନ ପାତ୍ର, ପ୍ରଭାତ ସେଠୀ, ଚାନ୍ଦ ମିର୍ଜା, ପୁରସ୍ତମ ବାଇ, ଫୁକନ କର, ଦିଲୀପ ସେଠୀ, ରଞ୍ଜିତ ସାହୁ, ଗଣେଶ ସାହୁ, ଅକ୍ଷୟ ପାତ୍ର, ଗୁଲୁ ସାହୁ, ମୀତି ସାହୁ, ଅମୂଲ୍ୟ ମଲ୍ଲିକ, ସୁକାନ୍ତ ଦାସ, ଜଗନ୍ନାଥ ମଲ୍ଲିକ ପ୍ରମୁଖ ସାମିଲ ହୋଇ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ଅଞ୍ଚଳରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିର ଦର୍ଶନ କରି ଭଗବାନଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସମର୍ଥନ ଭିକ୍ଷା କରିଥିଲେ।

# ବିଜୟ ଲକ୍ଷ୍ୟରେ ୨ ପରାଜିତ ପ୍ରାର୍ଥୀ

**ଯାଜପୁର, ୨।୫ (ହର୍ଷବର୍ଦ୍ଧନ ବେହେରା)**

୨୦୧୯ ବରୀ ବିଧାନସଭା ନିର୍ବାଚନରେ ପରାଜିତ ୨ ନେତା ଏଥର ବିଜେଡି ଓ ଭାଜପା ପ୍ରାର୍ଥୀ ହୋଇ ବିଜୟ ଲକ୍ଷ୍ୟରେ ରହିଛନ୍ତି। କହିବାବାହୁଲ୍ୟ ଯେ, ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ ମଲିକ, ଭାଜପାର ଉମେଶ ଜେନା ଓ କଂଗ୍ରେସର ଆରତି ଦେଓଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ବିଧାୟକ ହେବାକୁ କଡା ମୁକାବିଲା ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

କଂଗ୍ରେସରୁ ସ୍ୱାଧୀନ ଓ ଭାଜପାରୁ ବିଜେଡିକୁ ଲମ୍ଫଡିଆଁ ମାରିଥିବା ବିଶ୍ୱରଞ୍ଜନ ମଲିକଙ୍କୁ ଏଥର ଶାସକ ଦଳ ଭରସା କରିଛି। ବିଶ୍ୱରଞ୍ଜନ ୨୦୧୯ ନିର୍ବାଚନରେ ଭାଜପା ଟିକେଟ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୪,୦୬୨ ଭୋଟ ବ୍ୟବଧାନରେ ବିଜେଡିର ସୁନନ୍ଦା ଦାସଙ୍କଠାରୁ ପରାଜିତ ହୋଇଥିଲେ। ଏହାପରେ ସେ ଭାଜପା ଛାଡି ବିଜେଡିରେ ଯୋଗଦେଇଥିଲେ। ଏହାପରେ ସୁନନ୍ଦା ଓ ବିଶ୍ୱଙ୍କ ସମାନ୍ତରାଳ ଗୋଷ୍ଠୀ ପ୍ରାୟ ୪ ବର୍ଷ ଧରି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ କରି ଆସୁଥିଲେ। ଏଥିରେ ଭୋଟରଙ୍କ ମଧ୍ୟରେ ବହୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ତେଣୁ ଭୋଟରଙ୍କ ମଧ୍ୟରେ ଏକ ନୂତନ ଚିନ୍ତାଧାରା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ତେବେ ଗୁରୁବାର ଉମେଶ ଜେନାଙ୍କୁ ଭାଜପା ଟିକେଟ୍ ମିଳିଛି। ଉମେଶ ମଧ୍ୟ କଂଗେସର ପ୍ରାର୍ଥୀ ହୋଇ ଗତ ନିର୍ବାଚନରେ ଲଢିଥିଲେ। ସେ ମାତ୍ର ୭୦୮୨(୪.୭୧%) ଭୋଟ ପାଇ ତୃତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ। ସେହିପରି ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ୩୬ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ହୋଇଥିବା ଆରତୀ ଦେଓ ନିର୍ବାଚନୀ ମଇଦାନରେ ଦୀର୍ଘଦିନର ନୀରବତା ପରେ କଂଗ୍ରେସ ପ୍ରାର୍ଥୀ ହୋଇ ବିଧାୟିକା ହେବାକୁ ଅଣ୍ଟା ଭିଡିଛନ୍ତି। ୨୦୧୭ ପରେ ସେ କୌଣସି ନିର୍ବାଚନରେ ଭାଗ ନେଇ ନାହାନ୍ତି। ମଝିରେ ସେ ବିଜେଡିରେ ଯୋଗଦେଇ ଅଣଦେଖା ହେବାରୁ ପୁଣି କଂଗ୍ରେସକୁ ଫେରିଛନ୍ତି। ତେବେ ୨୦୨୨ ପଞ୍ଚାୟତ ନିର୍ବାଚନର ୪ଟି ଜିଲା ପରିଷଦ ଜୋନ୍‌ର ପ୍ରାର୍ଥୀମାନେ ୧୦ରୁ ୨୨% ପର୍ଯ୍ୟନ୍ତ ଭୋଟ ପାଇ କଂଗ୍ରେସର ଅଣ୍ଟା ସଳଖିଥିବା ମନେ ହେଉଛି। ତେଣୁ କଂଗ୍ରେସ ମଧ୍ୟ ଏଥର କଡ଼ା ଟକ୍କର ଦେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ନବ ନିର୍ମାଣ କୃଷକ ସଙ୍ଗଠନର ନେତା ନିମାଇଁ ଚରଣ ରାୟ ଏଥର ପ୍ରାର୍ଥୀ ହେବାକୁ ଘୋଷଣା କରି ସାରିଛନ୍ତି। ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ଭିତ୍ତି କରି ସେ ଚାଷୀ ସଙ୍ଗଠନକୁ ଆହୁରି ସଶକ୍ତ କରିବାକୁ ଉଦ୍ୟମ କରୁଛନ୍ତି।

**ବରୀ ନିର୍ବାଚନମଣ୍ଡଳୀ**

**ଉମେଶ ଜେନାଙ୍କୁ ଭାଜପା ଟିକେଟ୍**



ଉମେଶ ଜେନା

# ଖରସ୍ରୋତାରେ ଭାସିଗଲେ ନାବାଳିକା



ନଦୀରେ ଭାସିଯାଇଥିବା ନାବାଳିକାଙ୍କୁ ଖୋଜା ଚାଲିଛି।

**ଯାଜପୁର, ୨।୫ (ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ଖରସ୍ରୋତା ନଦୀ ଗର୍ଭର ଜରିବାଙ୍କ ଠାକୁରାଣୀ ତୁଠରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଗାଧୋଉଥିବା ସମୟରେ ଜଣେ ୫ ବର୍ଷୀୟା ନାବାଳିକାଙ୍କ ଭାସିଯାଇ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଲକାଟି ଗ୍ରାମର ଦୀପ୍ତିରଞ୍ଜନ ମଲ୍ଲିକଙ୍କ ଝିଅ ସୋନି ମଲ୍ଲିକ। ସୋନି ତାଙ୍କ ମା'ଙ୍କ ସହିତ ମାମୁଘର ଜରି ଗ୍ରାମକୁ ବୁଲିବାକୁ ଆସିଥିବାବେଳେ ଏଭଳି ଅଘଟଣ ଘଟିଛି। ମା' ଗାଧୋଉଥିବାବେଳେ ହଠାତ ଝିଅ ପାଣି ଭିତରକୁ ଖସି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟମାନେ ଏହା ଦେଖି ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ବିଞ୍ଝାରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୨।୫ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ତାପମାତ୍ରା ୪୨ରୁ ୪୩ ଡିଗ୍ରୀ ରହୁଛି। ଜନଜୀବନ ଗ୍ରୀଷ୍ମଜନିତ ଅସୁସ୍ଥତା ଓ ଅଂଶୁଘାତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେବେ ଗୁରୁବାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ପ୍ରଭାବରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଉଛନ୍ତି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡପଡା ପଞ୍ଚାୟତ ସାହୁପଡା ଗ୍ରାମର କୁଞ୍ଜବିହାରୀ ଜେନା (୬୮) ବୋଲି ଜଣାପଡିଛି। ସେ ପୂର୍ବାହ୍ନ ୧୧ଟାରେ କୌଣସି ବ୍ୟକ୍ତିଗତ କାର୍ଯ୍ୟରେ ବଗିଚାକୁ ଯାଇଥିଲେ। ଗ୍ରୀଷ୍ମ ପ୍ରବାହ ଯୋଗୁ ସେ ଚେତାଶୂନ୍ୟ ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ନିମନ୍ତେ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଖବରପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୪) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି ପଦ୍ମାଳୟା ପ୍ରଧାନ କହିଛନ୍ତି।

# ଭାଜପାରୁ ଇସ୍ତଫା ଦେଲେ ବହୁ କର୍ମକର୍ତ୍ତା

**ବଡ଼ଚଣା ନିର୍ବାଚନମଣ୍ଡଳୀ**

**ଚଣ୍ଡିଖୋଲ, ୨।୫ (ପ୍ରଦୀପ୍ତ କୁମାର ପୃଷ୍ଟି):**



ଭାଜପାରୁ ଇସ୍ତଫା ଦେଇଥିବା ଦଳୀୟ କର୍ମକର୍ତ୍ତା।

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀରେ ଭାଜପା ଧୀରେଧୀରେ ଦୁର୍ବଳ ହେବାରେ ଲାଗିଛି। ଦଳର ପଦ ପଦବୀରେ ଥିବା ବହୁ କାର୍ଯ୍ୟକର୍ତ୍ତା ଦଳ ପରିତ୍ୟାଗ କରୁଛନ୍ତି। ଏହିକ୍ରମରେ ଗୁରୁବାର ଭାଜପାର ପୂର୍ବତନ ରାଜ୍ୟ ମହିଳା ସଭାନେତ୍ରୀ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ସିମନ୍ତିନୀ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ୍ତ କୁମାର ଜେନା, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସେବତୀ ଜେନା, ଜିଲା ଯୁବମୋର୍ଚ୍ଚା ସଂଯୋଜକ ନିହାର ରଞ୍ଜନ ସାମଲ, ପୂର୍ବତନ ମଣ୍ଡଳ ସଭାପତି ଧୁଲେଶ୍ୱର ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷ କେଶବ ଚନ୍ଦ୍ର ଦାସ, ଅନନ୍ତ କିଶୋର ଷେଣ୍ଢ ଓ ରବୀନ୍ଦ୍ର ନାଥ ସାମଲ ପ୍ରମୁଖ ଇସ୍ତଫା ପ୍ରଦାନ କରିଛନ୍ତି। ସେମାନେ ଇସ୍ତଫା ପତ୍ରକୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଥିବା ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି।

ସେମାନେ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି କି ବଡ଼ଚଣା ନିର୍ବାଚନମଣ୍ଡଳୀରୁ ଚଳିତ ଥର ପ୍ରାର୍ଥୀ ହୋଇଥିବା ନେତୃତ୍ୱ ସେମାନଙ୍କୁ ଅଣଦେଖା କରିବା ସହିତ ବିଭିନ୍ନ ସମୟରେ ଅପମାନିତ କରୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବହୁ କଷ୍ଟ କରି ପଞ୍ଚାୟତ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥିଲେ ମଧ୍ୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନରେ ସେ ପ୍ରାର୍ଥୀ ନ ଦେଇ ସଂଗଠନକୁ ଧୂଳିସାତ କରିଦେଇଥିଲେ। ଏ ସମ୍ପର୍କରେ ରାଜ୍ୟ ନେତୃତ୍ୱଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏପରି କି ରାଜ୍ୟ ନେତୃତ୍ୱ କେବେବି ଆଲୋଚନା କଲେନାହିଁ। ତେଣୁ ଦଳରେ ରହି କାର୍ଯ୍ୟ କରିବା ସମ୍ଭବ ନୁହେଁ। ସେଥିପାଇଁ ଇସ୍ତଫା ପ୍ରଦାନ କରିଛନ୍ତି। ଗତ ୧୭ ତାରିଖରେ ବଡ଼ଚଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ବହୁ ବ୍ୟକ୍ତି ଓ କୋଲଣଗିରି ସରପଞ୍ଚ ମଧ୍ୟ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିଲେ। ଏମାନେ ମଧ୍ୟ ଖୁବ୍‌ଶୀଘ୍ର ବିଜେଡିରେ ଯୋଗଦାନ କରିପାରନ୍ତି ବୋଲି ଆଲୋଚନା ହେଉଛି। ଯଦି ଏଭଳି ପ୍ରକ୍ରିୟା ଜାରି ରୁହେ ତେବେ ଭାଜପା ପାଇଁ ଆଗାମୀ ନିର୍ବାଚନ ମହଙ୍ଗା ପଡ଼ିପାରେ ବୋଲି ଆଲୋଚନା ଜୋର ଧରିଛି।

